ଅଣୁ ଗଳ୍ପ
ବିଶେଷାଙ୍କ

ସୃଜନୀ ପରିବାର,ଚେନ୍ନାଇ

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା

# ହିରଣ୍ମୟୀ

ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର



visit : www.hirranmayi.com

ଅଣୁ ଗଳ୍ପ ବିଶେଷାଙ୍କ

ସୃଜନୀ ପରିବାର,ଚେନ୍ନାଇ

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା

ହିରଣ୍ମୟୀ

ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର

## "ହିରଣ୍ମୟୀ "-ଅଣୁ ଗଳ୍ପ- ବିଷୁବ ବିଶେଷାଙ୍କ-(ମେ-୨୦୧୯ )

## ଏହି ବିଶେଷାଙ୍କକୁ ନିଜ ସୃଜନ ସୃଷ୍ଟିରେ ଅଳଙ୍କୃତ କରିଛନ୍ତି :



**ଫଣୀ ପରେ ପରେ (ଦୁଇଟି ଅଣୁ ଗଳ୍ପ )**
ରାଜଲକ୍ଷ୍ମୀ ତ୍ରିପାଠୀ



**ଘର ଚଟିଆ ର ଘର**
ପ୍ରତିଭା ପରିଜା



**ଜୀବନ ବଦଳ**
ଡକ୍ଟର ସଚ୍ଚିଦାନନ୍ଦ କର



**ପଶ୍ଚାତାପ**
ସୁଷମା ପରିଜା



**ରବୀନ ବଦଳି ଗଲା**
ଡମ୍ବରୁଧର ବାଗ



**ଦରଦୀ ହୃଦୟ**
ଅମ୍ବିକା ସ୍ୱାଇଁ



**ଗନ୍ଧିଆ ଗନ୍ଧର୍ବ**
ପ୍ରସନ୍ନ କୁମାର ମାଦଳା



**ସହୃଦୟତା**
ଜୟଶ୍ରୀ ପଟ୍ଟନାୟକ



**ଆକାଶୀ**
ରମେଶ ଚନ୍ଦ୍ର ପସାଏତ



**ପ୍ରଶ୍ନ**
ଶ୍ରୀମତୀ ରାଧାରାଣୀ ତ୍ରିପାଠୀ



**ବାପା**
ଶକ୍ତିପ୍ରଭା ମିଶ୍ର



**ଅସ୍ତ୍ରବିରତି**
ପ୍ରଭାସିନୀ ହୋତା



**ରିଂ**
ରବି ପଣ୍ଡା



**ଆମକୁ ନପୁଂଷକ କରିଦିଅ ହେ ଈଶ୍ୱର**
ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀ



# ଫଣୀ ପରେ ପରେ...

**(ଅଣୁଗଳ୍ପ- ୧)**

- ରାଜଲକ୍ଷ୍ମୀ ତ୍ରିପାଠୀ

ଫଣୀ ଯିବାର ଚାରିଦିନ ହେଲାଣି। ତା'ର ସର୍ବଗ୍ରାସୀ ଫଣାରେ ଜର୍ଜରିତ ମଣିଷ ବଂଚିବା ପାଇଁ କରୁଛି ସଂଗ୍ରାମ। ଘରେ ବିଜୁଳି ନାହିଁ, ପାଣି ର ଅଭାବ । ଗରମରେ ଡ଼ହକ ବିକଳ ଲାଗୁଛି।ଚିନ୍ତାରେ ସୁମିତ୍ରା। ବାଡିପଟ ନଳକୂପ ଟି ଭାଙ୍ଗି ପଡିଛି। ତାକୁ ସଜାଡିବାକୁ କାରିଗର ବି ଏବେ ମିଳିବେନି। ଝଡ଼ବାତ୍ୟା ପରେ ଆଜି ସ୍ୱାମୀ ଙ୍କୁ ପଠାଇଛନ୍ତି ବଜାର କୁ ପରିବା ଓ କ୍ଷୀର ଆଣିବା ପାଇଁ। ଘରଦ୍ୱାର ଚାରିଆଡ଼େ ଗଛପତ୍ର,ଧୂଳି ମଳି ହୋଇ ପଡ଼ିଛି। କାମବାଲୀ ସୁନି କଥା ମନେପଡିଲା ତାଙ୍କର। ସୁନି ତାଙ୍କ ଘରପାଖ ବସ୍ତି ରେ ରୁହେ। ସୁନି ଗତମାସର ଦରମା ଟଙ୍କା ତାଙ୍କ ଠୁ ନେଇନି। ଏ ଅସମୟରେ ଟଙ୍କା ଟି ତାକୁ ଦେଲେ ଭଲ ହେବ ଭାବି ସୁମିତ୍ରା ସୁନି ଘରକୁ ମୁହାଁଇଲେ। ଘରସାମ୍ନାରେ ଭାଙ୍ଗି ଯାଇଥିବା ଦେବଦାରୁ ଡାଳ କୁ କଷ୍ଟ କରି ଆଡେଇ ପହଞ୍ଚିଲେ ସୁନି ଦୁଆରେ। ସୁନିର ଟିଣଘର ଛାତ ଉଡ଼ି ଯାଇଛି। ଦୁଆର ମୁହଁ ରେ ପୁରୁଣା ଲେଡିଜ୍ ସାଇକେଲ ଟି ଉପରେ ମାଟି କାନ୍ଥ ଟି ପଡ଼ି ପୁରା ଚେପା ହୋଇ ଯାଇଛି। ମନେପଡିଲା ସୁମିତ୍ରା ଙ୍କ ର ସେ ସାଇକେଲ ଟି ତାଙ୍କ ଝିଅ ର ବ୍ୟବହାର ରେ ନଆସିବାରୁ ସେ ସୁନି ର ଝିଅ ରୁମି କୁ ଦେଇଥିଲେ।ରୁମି ସାଇକେଲ ର ଭଙ୍ଗା ଚକା ଦୁଇଟିକୁ ଗୋଟିଏ ହାତରେ ଆଉଁସି ଆର ହାତରେ ଆଖିରୁ ଲୁହ ପୋଛୁଥିଲା। ସୁନି ତା'ସ୍ୱାମୀ ଙ୍କୁ କହୁଥିଲା-ଏ ବାତ୍ୟା ଆମପରି ଲୋକଙ୍କର କିଛି ବି ରଖିଲାନି। ଘର ପାଚେରୀ ସବୁ ଉଡାଇ ଦେଲା। ଆମ ଅଣ୍ଟା ଭାଙ୍ଗିଦେଲା। ଶେଷକୁ ସୁମିତ୍ରା ମା'ଦେଇଥିବା ସାଇକେଲ ଟି ମଧ୍ୟ ସଜାଡିବାକୁ ଆଉ ପଇସା ହେବନି। ପିଲାଟା ଏତେ ବାଟ ଚାଲି ସ୍କୁଲ ଯିବ କେମିତି ?

ସୁମିତ୍ରା ଆଉ ସମ୍ଭାଳି ପାରିଲେନି। ମୁଣ୍ଡ ନୁଆଇଁ ପଲିଥିନ ଘେରା ଘର ଭିତରକୁ ପଶି କହିଲେ-ସୁନି,ଏ ଟଙ୍କା ରଖିଥା,ଆଗ ଝିଅର ସାଇକେଲ ଟି ମରାମତି କରିଦେବୁ। ତା'ପାଠପଢା କେବେ ବନ୍ଦ କରିବୁନି। ହଁ, ଘରକୁ ଆସି ତୋର ଗତମାସ ର ଟଙ୍କା ନେଇଯିବୁ।
ରୁମି ଖୁସି ର ଅଧିର ହୋଇ ଭଙ୍ଗା ସାଇକେଲ ଟିକୁ ତଳୁ ଉଠାଇବାକୁ ଚେଷ୍ଟା କରୁଥିଲା ।

---------------------------------------

**(ଅଣୁଗଳ୍ପ-୨)**

ସମୁଦ୍ର କୂଳର ପେଣ୍ଠକଟା ବସ୍ତି।କେତେକାଳରୁ ସମୁଦ୍ର ମୁହଁ ରେ ଝାଟି ଘରକରି ରହିଛନ୍ତି ଶହଶହ ମାଛଧରାଳି ପରିବାର। କାଁ,ଭାଁ କୋଠାଘର ଖଣ୍ଡିଏ ଖଣ୍ଡିଏ। ଆଜି ବସ୍ତିର ଚିତ୍ର ବଦଳାଇଛି ସାମୁଦ୍ରିକ ଝଡ଼ ଫନୀ। ଚାରିଆଡ଼େ ଖାଁ, ଖାଁ ।

ଆଶ୍ରୟ ସ୍ଥଳୀରେ ସାତଦିନ ରହିବାପରେ ଆଜି ବଡିଭୋର୍ ରୁ ଘରକୁ ଫେରିଛନ୍ତି ରମୁ ଓ ତା' ସ୍ତ୍ରୀ ରଂଜି। ଘରକୁ ଚାହିଁ ହେଉନି। ଏକ ବଖରିଆ ଛପର ଘର ଖଣ୍ଡିକ ଭୁଷୁଡି ପଡ଼ିଛି ଖଟଟି ଉପରେ। ଜିନିଷପତ୍ର ଛିନ୍ ଛତ୍ର। ମୁଣ୍ଡ ରେ ହାତ ଦେଇ ଖୋଲାମେଲା ଘର ଟି ମଝିରେ ବସିପଡିଲା ରମୁ। ଦେହ ହାତ ଅବଶ। ଆଖିରୁ ଦୁଇ ଟୋପା ଲୁହ ପୋଛିଦେଇ ହଠାତ ଦଉଡି ଗଲା ସମୁଦ୍ର ଆଡ଼କୁ। ସାମ୍ନାରେ ବାଲିରେ ପୋତିହୋଇ ପଡ଼ିଛି ତା'ର ପ୍ରିୟ ଡ଼ଙ୍ଗା ଟି, ତା ଜୀବନ ଓ ଜୀବିକା। ପାଖରେ ସାଥି ଭାଇମାନେ ମିଳିମିଶି ନିଜ ନିଜ ଡ଼ଙ୍ଗା କୁ ବାଲି ରୁ ଉଠାଇ ସଜାଡୁଛନ୍ତି। ରମୁ ଅଣ୍ଟା ଭିଡିଲା। ପଡିଶା ଘରର ସନାଭାଇ ଓ ଅନ୍ୟ ସାଥି ମାନଙ୍କୁ ଡାକି ବାଲିରୁ ଡଙ୍ଗା ଉଠାଇ ସାମାନ୍ୟ ମରାମତି କରିନେଲା। ପଛକୁ ଚାହିଁଲା। ସାହିମୁଣ୍ଡ ରେ ରଂଜି ନଳକୂଅରୁ ପାଣି ନେଉଛି। ସକାଳ ର ନାଲି ଖରାରେ ତା'ମୁହଁ ଭାରି ଉଜ୍ଜ୍ୱଳ ଦିଶୁଛି।
ଘରକୁ ଫେରିଲା ରମୁ। ରଂଜି କାଠଚୁଲୀ ରେ ଭାତ ରାନ୍ଧି ସାରିଛି। ରମୁ କିଛି ପଚାରିବା ଆଗରୁ ସେ କହିଲା-ଏତେ ବଡ଼ ବାତ୍ୟା ସିନା ସବୁ ଟାଳିଦେଲା,କିନ୍ତୁ ଆମ ଖଟତଳେ ଥିବା ସେ ଟିଣଡ଼ବା ର ଚାଉଳ ଓ ତା'ପାଖରେ ଥିବା ଶୁଖୁଆ ଡ଼ବାଟି ସେମିତି ପଡ଼ିଥିଲା ।

ରମୁ ମୁହଁ ରେ ହସ ଭରି କହିଲା-ହଁ, ଶିଘ୍ର ମତେ ଗଣ୍ଡେ ଭାତ ଦେଲୁ,ମୁଁ ଡଙ୍ଗା ନେଇ ସମୁଦ୍ର କୁ ଯିବି ,ସେ ପରା ମୋ ମା' ।

ଅଣୁ ଗଳ୍ପ ବିଶେଷାଙ୍କ
ସୃଜନୀ ପରିବାର, ଚେନ୍ନାଇ
ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର

( ଅଣୁ ଗଳ୍ପ )



# ଘର ଚଟିଆ ର ଘର



-ପ୍ରତିଭା ପରିଜା

ବାତ୍ୟା ଆସିବାର କିଛି ଦିନ ପୂର୍ବ ରୁ ସେମାନେ ସେଇ ସ୍କାଇ ଲାଇଟ ଭିତରେ ଘର କରିଥିଲେ । କାଠି କୁଟାର ।
ରାଜ ଉଆସ ନ ହେଲେ ବି ଶାନ୍ତି ର କୁଟୀର ଟିଏ । ସବୁ ଦିନିଆ ଜୀବନ କୁ ଖୁସି ରେ ଜିଉଁ ଥିଲେ ଦୁଇ ପ୍ରାଣୀ ।
ଅଣ୍ଡା ଟିଏ ଯେଉଁ ଶୁଭ ଦିନ ରେ ମାଆ ଚଟିଆ ଟି ଉପହାର ଦେଲା, ଖୁସି ରେ ଆତ୍ମ ହରା ହେଇଥିଲା ବାପା ଚଟିଆ ଟି ।
ଆଉ ଯେଉଁଦିନ ମିଞ୍ଜି ମିଞ୍ଜି ଆଖି ଖୋଲି ଦୁନିଆ ଦେଖିବାକୁ ଅଣ୍ଡା ଭିତରୁ ଛୁଆଟି ବାହାରିଲା , ଅତି ନିବିଡ଼ ଭାବେ ଡେଣା ରେ ଜାକି ପକେଇଲା ମାଆ... ନାଇଁ ନାଇଁ ସମୟ ହେଇ ନାଇଁ..ସବୁର କର । ଧିରେ ଧିରେ ସମୟ ଆସୁଥିଲା ।
କେତେଟା ଦିନ ଭିତରେ ଟିକେ ଟିକେ ପର କଅଁଳି ଆସୁଥିଲା ।। ମୁଁ ଯିବି..ମୁଁ ଉଡିବି... ମୁଁ ଦୁନିଆ ଦେଖିବି...ମାଆ ।
ନାଇଁ ଧନ , ଥୟ ଧର..ଆଉ କେଇଟା ଦିନ ଯେ...ଥୟ ଧରି ଥିଲା ।
ମାତ୍ର ବାତ୍ୟା ଆସି ଅଥୟ କରି ଦେଲା.....
କାହିଁ...କାହିଁ ସେ କେଉଁଠି ? ? ଛୋଟ ଛୋଟ ବିକଳ ଆଖି ଥର ଥର ଡେଣା ମେଲି ବାପା ମାଆ ଖୋଜି ବୁଲିଲେ...
କାହିଁ...କାହିଁ ସେ...ବାଟ ଭୁଲି ଗଲା କି...କିଏ ନେଇ ଗଲା କି...କିଏ ଖାଇ ଦେଲା କି...କୁଆଡେ ଉଡି ଗଲା କି....??
ନିରବ ହେଇଗଲା ମାଆ... ଅଖିଆ ଅପିଆ ବସି ରହିଲା ସେଇ ଭଙ୍ଗା ଦଦରା ବସା ମୁହଁ ରେ..
ବାପା ଟି ସବୁ ଦିନ ସକାଳୁ ସନ୍ଧ୍ୟା ଯାଏ ଖୋଜିବୁଲେ ଆହାର ...ଆଉ ଛୁଆକୁ....
ସନ୍ଧ୍ୟା ରେ ବସା କୁ ଫେରିଲେ ମାଆ ପଚାରେ ,ପାଇଲ ? ପାଇଲ ? ଆମ ଛୁଆ ? ?
ଏମିତି ଏକ ସନ୍ଧ୍ୟା ରେ... କୁଆଡୁ ଖଣ୍ଡି ଉଡା ଦେଇ ଆସିଲା ସେ...ବସା ଦୁଆର ମୁହଁ ରେ ବସି ଚାହିଁଲା...ଏଇ ତ ?
ଏଇ ସେ ଘର ତ.?ଏଇ ମୋ ମାଆ ତ ? ? ଚାରି ଟି କୁନି କୁନି ଆଖି ମିଶିଗଲା...ଜାଣେନା ଠିକ ରେ କିଏ.. କାହାର...
ଚଟ କରି ଡେଣା ବଢ଼େଇ ଘୋଡେଇ ପକେଇଲା ମାଆ...
ହଁ... ହଁ... ତୁ ...ତୁ ତ...ତୁ ମୋରି, ମୋରି ଗଣ୍ଠି ଧନ...ମୋରି
ଛୁଆ ତୁ...ଆ ଆ କୁଆଡେ ଚାଲି ଯାଇଥିଲୁ ରେ ଧନ ....
ବାପା ଚଟିଆ ଦୁଆର ମୁହଁ ରେ...ବିସ୍ମିତ ହେଉଥିଲା...
ଇଏ କଣ ତାଙ୍କରି ଛୁଆ...କାହାରି କୁ ଜଣା ନାହିଁ ସେ କାହା ଛୁଆ...ନା ବାପା କୁ ....ନା ମାଆ କୁ...ନା ଛୁଆକୁ...

**ସିଡିଏ , କଟକ**
**।। ଓଡିଶା ।।**



# ଜୀବନ ବଦଳ

-ଡକ୍ଟର ସଚ୍ଚିଦାନନ୍ଦ କର

ନରହରି ସବୁ ଦିନେ ତା' ପୁଅ ସହିତ ପିଲା ପରି ବ୍ୟବହାର କରେ । ଦଶ ବର୍ଷର ପୁଅ। ମା' ଛେଉଣ୍ଡ। ରୋଜଗାର ନାହିଁ। ତେଣୁ ପୁଅକୁ କିଛି ଦେଇପାରେନି ସେ। ବଡଘରର ପିଲାଙ୍କୁ ଦେଖିଲେ ନିଜ ଭିତରେ ଲୁଚି ଲୁଚି କାନ୍ଦେ। କେବଳ ପେଟପୂରା ଖାଇବାକୁ ଦେଇପାରେ ବୋଲି ମନରେ କିଛିଟା ସାନ୍ତ୍ୱନା ଥାଏ ।

- ବାପା, ମୁଁ କିଛି କାମ କରିବି ? ଦିନେ ପୁଅ ତାକୁ କହିଲା ।

- କାମ କରିବା ବୟସ କ'ଣ ତୋର ହେଲାଣି ? ତୁ ଖେଳିବୁ ଯା'। ସେ କହିଲା ।

- ପୁଅ ଖେଳିବାକୁ ଚାଲିଗଲା।

ଯାଉ ଯାଉ ଗୋଟେ ବଡ଼ ଘର ପାଖରେ ଅଟକି ଗଲା ସେ । ଘରୁ ଭାସିଆସୁଥାଏ ସୁନ୍ଦର ବାସ୍ନା।–

' ଆହା ! କି ସୁନ୍ଦର ବାସ୍ନା ! ' ସେ କହିପକାଇଲା ।

ଏତିକି ବେଳେ ତା' ବୟସର ପିଲାଟିଏ ଆସି ତା' ପାଖରେ ପହଞ୍ଚିଲା। ହାତରେ ଧରିଥାଏ ଖଣ୍ଡେ ପୁରି। ଦାନ୍ତରେ ଟିକେ ଟିକେ କାମୁଡ଼ି ଖାଉଥାଏ।

ଏହା ପୁରିର ବାସ୍ନା । ବୁଝିଗଲା ସେ ।

ମା' ପୁରି ଛାଣୁଛନ୍ତି । ଆଣିଦେବି ? ପିଲାଟି କହିଲା।

ପାଟିରୁ ଗଡ଼ି ଆସୁଥିବା ଲାଳକୁ ଢୋକି ସେ କହିଲା - ନା,ମୋ ମା'ବି ଆଜି ପୁରି ଛାଣିଥିଲେ। ଖାଇ ଖେଳିବାକୁ ଆସିଲି। କହି ଆଗକୁ ଚାଲିଗଲା।

- ଆହା! ମିଛ କହି ଚାଲିଆସିଲି। ପୁରି ଦୁଇଟା ଖାଇଥିଲେ କେତେ ଭଲ ହୋଇଥାନ୍ତା ! ମନ କୁ ମନ କହିଲା ସେ । ତା'ର ମା' ମନେ ପଡିଲା । ସେ କାନ୍ଦି ପକାଇଲା।

ଏମିତି ଯାଉ ଯାଉ ଆଉ ଗୋଟେ ବଡ଼ ଘର ପାଖରେ ଠିଆ ହୋଇଗଲା ସେ ।

- ଫୁଙ୍ଗୁଳା ଦିହ ! ଡ୍ରେସ୍ ଆଣିଦେବି ? ମୋର ବହୁତ ଅଛି । ତା' ବୟସର ପିଲାଟିଏ ତା' ପାଖରେ ପହଞ୍ଚି କହିଲା। କହି ଡ୍ରେସ୍ ଆଣିବାକୁ ଘର ଭିତରକୁ ଦୌଡିଲା।

ସେ ଆଶ୍ଚର୍ଯ୍ୟ ହେଉଥିଲା। ପିଲାଟି ତାକୁ ହଳେ ସୁନ୍ଦର ଡ୍ରେସ୍ ଆଣି ଦେଖାଇଲା ।- ' ଏଡ଼େ ସୁନ୍ଦର ଡ୍ରେସ୍ !

ସେ ମନକୁ ମନ କହିଲା। ତା'ର ଲୋଭ ହେଲା। ସେ ବଦଳାଇ ଦେଲା ତା'ର ଡ୍ରେସ୍ ।

ଏବେ ସେ ଖୁସି ଖୁସିରେ ବାପା ପାଖକୁ ଦୌଡିଲା। ଆସି ବାପାକୁ ସବୁ କହିଲା।

ବାପାର ଖୁସିର ଚେହେରାକୁ ଅପେକ୍ଷା କରୁଥିଲା ସେ ।

ହଠାତ୍ ବଦଳିଗଲା ତା' ବାପା। ରାଗିଯାଇ ଟାଣ ସ୍ୱରରେ କହିଲା - ' କାଲି ଯଦି ତୋ ବାପାକୁ ବଦଳାଇ ଦେବାକୁ ତତେ କେହି କହେ, ଦେଖୁଛି ତୁ ବଦଳାଇ ଦେବୁ ।'

ଆଜି ଯାଏ ତା' ପ୍ରତି ପିଲା ପରି ବ୍ୟବହାର କରି ଆସିଥିବା ବାପାର ଏଇ କଡ଼ା କଥା ତାକୁ ଭାରି ବାଧିଲା। ନିଜର ଭୁଲ୍ ବୁଝି ପାରିଲା ସେ। ଡ୍ରେସ୍ ଫେରାଇ ଦେବା ପାଇଁ... ଏକମୁହାଁ ଧାଇଁଲା ।

- କେହି ଜଣେ ଆସି କହନ୍ତା କି , ' ନରହରି ! ତୁ ଏତେ ଦିନ ଯାଏ ତା'ର ବାପା ହେଲୁ। ଏବେ ମୁଁ ତା'ର ବାପା ହେବାକୁ ଚାହେଁ। ଯାହା ହେଲେ ହୁଅନ୍ତା ପଛେ, ନିଜକୁ ବଦଳ କରି ଦିଅନ୍ତି। କିଛି ଦେଇପାରୁନି ଯେତେବେଳେ....।'

ପୁଅ ତା' ପାଖରୁ ଚାଲିଗଲାଣି କେତେ ବେଳୁ ।

ଏକା ଏକା ବସି ମନ ଦୁଃଖରେ ଏଇ କଥାକୁ ବାରମ୍ବାର ନିଜକୁ କହୁଥିଲା ନରହରି ।


ଅଣୁ ଗଳ୍ପ ବିଶେଷାଙ୍କ
ସୃଜନୀ ପରିବାର,ଚେନ୍ନାଇ
ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର



# ପଶ୍ଚାତାପ

- ସୁଷମା ପରିଜା

ଗୁଜୁରାଟର ଦାହୋଡ ଷ୍ଟେସନ ରେ ଓହ୍ଲାଇ ଘଣ୍ଟା କୁ ଚାହିଁଲା ସରୋଜ। ସଂଧ୍ୟା ସାତଟା ବାଜି ତିରିଶ ମିନିଟ୍ । କାଲି ସକାଳେ ତା'ର ଜଏନ୍ କରିବାର ଅଛି ନୂଆ ଚାକିରି ରେ । ଚାରିଆଡକୁ ଆଖି ପହଁରେଇ ଆଣିଲା କାଳେ କେହି କୁଲି ମିଳିଯିବ ଯିଏ ଏଠାକାର କୌଣସି ଶସ୍ତା ହୋଟେଲର ଠିକଣା ବତାଇ ଦେବ ତାକୁ । ଆଜିର ରାତି ଟା ସେଇଠି କାଟି ସେ କାଲି ଅଫିସ୍ ରେ ଜଏନ୍ କଲାପରେ ନିଜ ରହିବାର ବନ୍ଦୋବସ୍ତ କରିବ । ହଠାତ୍ ଜଣେ କିଏ ତା ଦେହରେ ବାଡେଇ ହୋଇ ପଡି ଯାଉଯାଉ ଧରି ପକାଇଲା ତାକୁ। ବିରକ୍ତ ହୋଇ କଣ କହୁ କହୁ ସାମନା ଲୋକର ମୁହଁକୁ ଅନାଇ ଏକ ସୁଖଦ ଆଶ୍ଚର୍ଯ୍ୟରେ ଭରିଗଲା ତା'ର ମନ। ସାମନା ଲୋକଟି ଥିଲା ତାର କଲେଜର ସହପାଠୀ ତଥା ତାର ରୁମ୍ ମେଟ୍ ସୁବଳ। ଚମକି ଉଠି ସୁବଳ କୁଣ୍ଢାଇ ପକାଇଲା ତାକୁ ।କହିଲା ଆରେ ଏତେ ଦିନ ପରେ ତତେ ଦେଖିବି ବୋଲି ମନରେ ବିଶ୍ଵାସ ନଥିଲା । ତୁ ଏଠି କେମିତି ?



କଥାରେ କଥାରେ ସବୁକଥା କହିଗଲା ସରୋଜ। ଏଠି ମୋର ଘର ଥାଉ ଥାଉ ତୁ ହୋଟେଲରେ ରହିବୁ' ? ବାଧ କରି ରାଣ ନିୟମ ଦେଇ ତାକୁ ତ'ର ବସା -ଘରକୁ ନେଇଗଲା ସୁବଳ। ଏଠାରେ ଏକ ଘରୋଇ ସଂସ୍ଥା ରେ ଚାରିବର୍ଷ ହେବ ସେ କାମ କରୁଛି ଏବଂ ବାହାଘର ପରେ ସେ ତା'ର ପରିବାର ଧରି ଏଇଠି ରହୁଛି ବୋଲି ଜଣାଇଦେଲା । ଘରେ ପଶୁ ପଶୁ ପାଟିଟାଏ କରି ପତ୍ନୀ କୁ ଡାକ ପକାଇଲା 'କୁଆଡେ ଗଲ ହୋ , ଆସ ଦେଖିବ କିଏ ଆସିଛି । ମୋ ପୁରୁଣା ସାଙ୍ଗ ,କଲେଜ ବେଳେ ଆମେ ଦୁଇଜଣ ପାଞ୍ଚ ବର୍ଷ ଏକାଠି ଗୋଟିଏ ରୁମ୍ ରେ କାଟିଛୁ। ଆଜି ତାକୁ ଜୋର ଜବରଦସ୍ତ କରି ଆଣିଛି ଆମ ଘରକୁ ସେଇ ପୁରୁଣା କଥା ସବୁକୁ ମନେ ପକେଇବା ଲାଗି । ବ୍ୟାଗେଜ୍ ରଖି ହାତ ମୁହଁ ଧୋଇ ଆସି ଡ୍ରଇଂ ରୁମ୍ ରେ ବସିଲେ ଦି ଜଣ । ଚାରିଆଡକୁ ଚାହାଁଣି ବୁଲେଇ ଆଣିଲା ସରୋଜ। ବେଶ୍ ସୁନ୍ଦର ଭାବରେ ସଜାଇ ରଖିଛି ସୁବଳ ର ପତ୍ନୀ । ତାର ଘରକରଣା ଦେଖି ବିମୋହିତ ହେଲା ସରୋଜ ।ଯାହା ହେଉ ମନଲାଖି ସାଥୀ ଟିଏ ପାଇଛି ସୁବଳ । ଏବେ ପୁଣି ଛଅ ମାସ ତଳେ ପୁଅ ଟିଏ ହୋଇଛି ବୋଲି କହୁଥିଲା। କପାଳିଆଟାଏ ସୁବଳ।



ଏଇ ଦାଦାଙ୍କୁ ଦେଖି କହି ପରଦା ଆଡେଇ ପୁଅକୁ କାଖରେ ଧରି ହସି ହସି ଘରେ ପଶିଲା ସୁବଳ ଆଉ ପଛରେ ଧୂମାୟିତ ଚାହା କପ୍ ଦୁଇଟି ଧରି ତାର ପତ୍ନୀ। ଲାଜମିଶା ହସ ହସି ଦୁଇହାତ ଯୋଡି ନମସ୍କାର କରି ଯିଏ ମଥାନତ କରି ଠିଆ ହେଲେ ତାଙ୍କୁ ଦେଖି ସରୋଜ ର ପାଟି ଅଠା ଅଠା ହୋଇଗଲା। ସିଏ ହୁଏ ତ ତାକୁ ଚିହ୍ନି ପାରି ନଥିବେ,କିନ୍ତୁ ସେ ତାଙ୍କୁ ଠିକ୍ ଚିହ୍ନି ପାରିଥିଲା। ଭାବୁଥିଲା ଯଦି ପାଞ୍ଚ ବର୍ଷ ପୂର୍ବରୁ ସେ ଥରଟିଏ ମୁହଁଖୋଲି ବାପାଙ୍କ ତିନି ଲକ୍ଷ ଟଙ୍କା ର ଯୌତୁକ ଦାବୀ ର ପ୍ରତିବାଦ କରି ପାରିଥାନ୍ତା ତେବେ ଲଳିତା ଆଜି ତା'ର ପତ୍ନୀ ହୋଇ ତା'ରି ପୁଅକୁ ତା'ଘର ଅଗଣାରେ ଖେଳାଉ ଥାଆନ୍ତା ।।

ଶାରଳା ଭବନ, ପୋଡାପୋଖରୀ
ନୂଆବଜାର, କଟକ



# ରବିନ୍ ବଦଳି ଗଲା

-ଶ୍ରୀ ଡମ୍ବରୁଧର ବାଗ

ବାବୁ, ବାବୁ, , ଆ ଭାତ ଖାଇବୁ । କେତେ ବେଳୁ ମା ଡାକୁଛନ୍ତି ରବିନ୍ କୁ ଭାତ ଖାଇବାକୁ। ହେଲେ ରବିନ୍ ମୋବାଇଲ ରେ ଗେମ୍ ଖେଳିବାରେ ବ୍ୟସ୍ତ । ଅପରାହ୍ନ ତିନିଟା ହେଲାଣି । ମା ବି ଏପର୍ଯ୍ୟନ୍ତ କିଛି ଖାଇନାହାନ୍ତି ।ବାପା ତା'ର ଅଫିସରେ । କେତେ ବୁଝେଇବ ପିଲାଟାକୁ । ବୁଝେଇ ବୁଝେଇ ଥକି ପଡିଲେଣି । ଆଗକୁ ମାଟ୍ରିକ ପରୀକ୍ଷା । ଭଲ ନମ୍ବର ନ ରଖିଲେ ଭଲ କଲେଜରେ ସିଟ ଟେ ମିଳିବନି ପାଠ ପଢିବାକୁ । ଚାକିରି କଥା ତ ଦୂରେ ଥାଉ। ମା ପୁଅ ପାଇଁ ଖୁବ ଚିନ୍ତା କରନ୍ତି ରବିନ ର ମାଁ । ବାପା ବି ! ହେଲେ ପୁଅ କ'ଣ କଥା ମାନିବା ପିଲା । ରବିନ୍ ମାଆ ବାପାର ଗୋଟିଏ ବୋଲି ପୁଅ । ସେ ଯେତେ ବେଳେ ଯାହା ଚାହେଁ ବାପା ତା'ର ମନ ଇଚ୍ଛା ଆଣି ଦିଅନ୍ତି । ପିଲାଟି ଖୁସିରେ ରହିଲେ ପାଠ ଭଲ ପଢିବ ବୋଲି ବାପା ଭାବନ୍ତି।। ହେଲେ କଥାଟା ଓଲଟା।ନିଜେ ଟିକେ ଦେଖା ଦେଖି କରି ନ ପାରିବାରୁ ଭଲ ଟ୍ୟୁସନ୍ ବି ତା ପାଇଁ ବ୍ୟବସ୍ଥା କରିଦେଇଛନ୍ତି । ଟ୍ୟୁସନ ମାଷ୍ଟର ବି କହନ୍ତି ରବିନ୍ ଭଲ ପିଲାଟିଏ କିନ୍ତୁ ପରିଶ୍ରମ କରୁନି ବୋଲି ପାଠ କମି ଯାଉଛି ।

ବାପା ବହୁତ ଚିନ୍ତାରେ ପଡିଗଲେ । କିପରି ତା'କୁ ମୋବାଇଲ ରୁ ଅଲଗା କରାଯାଇପାରିବ ? ଥରେ ଦୁଇଥର ମୋବାଇଲ କୁ ଲୁଚେଇ ବି ଦିଆଗଲା । ପୁଣି ତା'ର ଅଝଟ ଯୋଗୁଁ ଆଉ ଥରେ ଦିଆ ଯାଇଛି । ପରୀକ୍ଷା ରେ କମ୍ ନମ୍ବର ବି ରଖୁଛି । ମୋବାଇଲ୍ ନ ହେଲେ ଟିଭି ଦେଖୁଛି । ଘଣ୍ଟା ଘଣ୍ଟା ଧରି ଗୀତ ଫିଲ୍ମ ଆଉ କାର୍ଟୁନ ଦେଖିବାରେ ସମୟ କାଟୁଛି । ପାଠ ପଢାରେ ତା'ର ମନ ନାହିଁ । ଶିକ୍ଷକମାନଙ୍କ କଥା ବି ମାନୁ ନାହିଁ । ଶିକ୍ଷକମାନେ ଦେଇଥିବା ହୋମ ୱାର୍କ ବି କରୁ ନାହିଁ, ସମସ୍ତେ ଚିନ୍ତିତ ରବିନ୍ ପାଇଁ । ଗାଁର ଅନେକ ପିଲା ରବିନ ଭଳି ପାଠ ପଢୁଛନ୍ତି । ଆଉ ମାତ୍ର ନ ମାସ ରହିଲା ମାଟ୍ରିକ ପରୀକ୍ଷା । ଠିକ୍ ଏତିକି ବେଳକୁ ଗାଁ ହାଇସ୍କୁଲ ରେ ନୂଆ ଶିକ୍ଷକ ଜଣକ ଆସିଥାଆନ୍ତି ।

ରବିନ୍ ର ବାପା ସ୍କୁଲ କୁ ଯାଇ ନୂଆ ଶିକ୍ଷକଙ୍କସହ ଦେଖା କଲେ । ତାଙ୍କ ସହ ଭଲମନ୍ଦ କଥା ବି ହେଲେ । ରବିନ୍ ର କଥା ବି କହିଲେ । ଶିକ୍ଷକ ଜଣେ ବି ଭାରି ଭଲ ଲୋକ । ନୂଆ ନୂଆ ତାଙ୍କର ପୋଷ୍ଟିଙ୍ଗ ହୋଇଥାଏ। ରବିନ୍ ବାପାଙ୍କ ଠାରୁ ସବୁ କଥା ଶୁଣିଲେ ଆଉ ପିଲାମାନଙ୍କୁ ସବୁ ଦିନ ଭଲ ଶିକ୍ଷାଦାନ ବି ଦେଲେ । ମୋବାଇଲ ର ଉଚିତ ବ୍ୟବହାର ବି ଶିଖାଇଲେ । ସତକୁ ସତ ଦିନ କେଇଟାରେ ରବିନ୍ ସହିତ ଗାଁ ପିଲା ମାନେ ସଂପୂର୍ଣ୍ଣ ବଦଳି ଗଲେ।

ରବିନ୍ ଭଲ ପାଠ ପଢିଲା।ଆଗ ଭଳି ମୋବାଇଲ ରେ ବେଶୀ ସମୟ ନେଲା ନାହିଁ ।ହୋମ୍ ୱାର୍କ ବି କଲା ।ତା'ସାଙ୍ଗକୁ ପିଲା ମାନେ ବି ସାମିଲ ହେଲେ । ଦେଖୁ ଦେଖୁ ମାଟ୍ରିକ ପରୀକ୍ଷା ପାଖେଇ ଆସିଲା । ପିଲାଏ ମାଟ୍ରିକ ପରୀକ୍ଷା ଦେଲେ । ମାଟ୍ରିକ ପରୀକ୍ଷା ଫଳ ପ୍ରକାଶ ପାଇଲା । ରବିନ୍ ସମସ୍ତଙ୍କ ଠାରୁ ଆଗରେ ୯୬ ଶତକଡା ନମ୍ବର ରଖି ପାଶ୍ କଲା । ରବିନ୍ ର ବାପା ମାଆ ବହୁତ ଖୁସି ହେଲେ । ତା'ର ନୂଆ ଶିକ୍ଷକ ବି ବହୁତ ଖୁସି । ଶିକ୍ଷକ ପିଲାମାନଙ୍କୁ ବହୁତ ପରିଶ୍ରମ କରି ଦେଇଥିବା ଶିକ୍ଷା ଫଳପ୍ରଦ ହେଲା।

ସମସ୍ତଙ୍କ ଭବିଷ୍ୟତ ଉଜ୍ଜ୍ୱଳ ଆଶାରଖି ସେ ପିଲାମାନଙ୍କୁ ବିଦାୟ ଦେଲେ ।

ରବିନ୍ ର ମାଆ ବାପାଙ୍କର ଖୁସି କହିଲେ ନସରେ । ରବିନ୍ ରବ ମା ବାପା ନୂଆ ଶିକ୍ଷକଙ୍କୁ ଧନ୍ୟବାଦ ଦେଲେ।

ରବିନ୍ କୁ ଗୋଟିଏ ଭଲ କଲେଜରେ ନାମ ଲେଖାଇ ପାରିବେ । ଏଣୁ ଏଣିକି ଶିକ୍ଷକଙ୍କ କଥା ମାନି ଭଲ ବାଟରେ ଚାଲିଛି ରବିନ୍ । ଭଲ ପାଠ ପଢି ଜଣେ ଭଲ ଶିକ୍ଷକ ହୋଇ ଆଉ ହଜାର ହଜାର ଭଲ ଛାତ୍ର ସୃଷ୍ଟି କରିବା ପାଇଁ ଦୃଢ ସଂକଳ୍ପ ମଧ୍ୟ ନେଇ ସାରିଛି ରବିନ। ରବିନ୍ ର ଆଶା ନିଶ୍ଚିତ ପୂରଣ ହେବ ବୋଲି ତା' ମାଆ ବାପା ଚାହାଁନ୍ତି ।

। ଚପ୍ରିଆ, ଗୋଲାମୁଣ୍ଡା, କଳାହାଣ୍ଡି ।

ଅଣୁ ଗଳ୍ପ ବିଶେଷାଙ୍କ

ସୃଜନୀ ପରିବାର, ଚେନ୍ନାଇ

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା

ହିରଣ୍ମୟୀ

ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର



# ଦରଦୀ ହୃଦୟ

- ଅମ୍ବିକା ସ୍ୱାଇଁ

ପ୍ରଭା ଦେବୀ ଡ୍ରଇଁ ରୁମ୍ ର ସୋଫା ଉପରେ ମୁଣ୍ଡରେ ହାତ ଦେଇ ଚୁପ୍ ଚାପ୍ ବସିଛନ୍ତି, ଭାବୁଛନ୍ତି କେତେ କ'ଣ୍ !! ସତରେ ଏ ଦୁର୍ଦ୍ଧର୍ଷ ନିର୍ଦ୍ଦୟ ଫଣି ଆସି ଥିଲା ? କ'ଣ ନ କଲା ସତେ !! କାହା କୁ କେତେ ଦୁଃଖ ଦେଇ ଗଲା କେତେ ଲୋକଙ୍କ ପେଟରୁ ଦାନା ଛଡ଼ାଇ ନେଲା , କାହାର କେତେ କ୍ଷତି କଲା, ତାହାର ହିସାବ କ'ଣ୍ ସେ ରଖିଲା ? କେତେ ମୁଣ୍ଡ ଉପରୁ ଛାତ ଉଡାଇ ନେଲା,କାହାର ମା କୋଳରୁ ତା'ଛୁଆ କୁ ଛଡାଇ ନେଲା ,ଆତ୍ମୀୟଙ୍କ ଆଖିରୁ ଲୁହର ବନ୍ୟା ବୁହାଇ ତା" ବାଟରେ ସେ ଚାଲିଗଲା । ଓଃ କି କଷ୍ଟ ! କି ଯନ୍ତ୍ରଣା ହୃଦୟ ବିଦାରକ ଏ ଫଣି ର ବର୍ବର୍ କାଣ୍ଡ.....!!!!

ଏହି ସବୁ ଭାବି ଭାବି ପ୍ରଭା ଦେବୀଙ୍କର ଭାରା କ୍ରାନ୍ତ ବିବ୍ରତ ମନ ଛଟପଟ ହେଉ ଥାଏ ।ଏତିକି ବେଳେ ହଠାତ୍ କଲିଂବେଲ୍ ବାଜି ଉଠିଲା , ପ୍ରଭା ଦେବୀ ଭାବନାର ଚିନ୍ତା ରାଜ୍ୟ ରୁ ଫେରି ଆସିଲେ ,କିଏ ବୋଲି ,ଆସି ଦରଜା ଖୋଲିଲେ, ଆରେ ମଞ୍ଜୁ ଆସ ଆସ ଘର୍ ଭିତରକୁ....ଏତେ ଦିନ ହେଲା କୁଆଡେ ଥିଲ? ବ୍ଲାଉଜ ତିଆରି,ଶାଢ଼ୀ ଫଲ ପିକୋ ସବୁ ହୋଇଯାଇଛି ? ବାବୁଙ୍କ ର ମୋର ପରା ଏହି ୨୪ ତାରିଖ ରେ ଝିଅ ପାଖକୁ ବାଙ୍ଗାଲୋର ଯିବୁ , ଝିଅ ସିପ୍ରା ର ଏବର୍ଷ ପ୍ରଥମ ସାବିତ୍ରୀ ବ୍ରତ, ସେଥି ପାଇଁ....। ମଞ୍ଜୁ ପାଟିରେ ଭାଷା ନାହିଁ ତା ମୁହଁରେ ବିଷର୍ଣ୍ଣ ତାର ଭାବ ଫୁଟି ଦିଶୁଛି,ଆଖି ଛଳଛଳ , ମାଆ ମୋତେ କ୍ଷମା କର କହି ଭୋ, ଭୋ କାନ୍ଦି ଉଠିଲା., ପ୍ରଭା ଦେବୀ ପଚାରିଲେ,ଆରେ ମଞ୍ଜୁ ହେଲା କଣ୍ ?
ମାଆ ସବୁ ସରିଗଲା !! ଏହି ଧୂମାଳ ବାତ୍ୟା ମୋ ସଂସାର ଉଜାଡି ଦେଲା, କେମିତି ବଞ୍ଚିବ ?
ଆମେ ମାଆ ଛୁଆ ମୁଣ୍ଡ ଗୁଞ୍ଜୁଥିବା ଦୁଇ ବଖରା ଆଜବେଷ୍ଟେସ ଘର୍ ର ପତ୍ତା ନାହିଁ । ବାତ୍ୟା ହେବାର ୨ଦିନ ପୂର୍ବରୁ,ମୋ ବୁଢ଼ା ବାପା ଦେହ ଖରାପ୍ ହେବା କଥା ଶୁଣି ଗାଁ କୁ ଯାଇଥିଲି,ସେହି ଦିନ ରାତିରେ ମୋ ବୁଢ଼ା ବାପା ଆର ପାରି କୁ ଚାଲି ଗଲେ ,ତେଣୁ ଶୁଦ୍ଧି କାମ ସାରି ଆଜି ୧୬ ଦିନ ପରେ ଘରେ ପହଞ୍ଚି ଦେଖିଲି,ମୋ ଘର୍ ର ଠିକଣା ନାହିଁ।
ଚିହ୍ନି ପାରୁନି ମୋ ଘରକୁ , ଘର ଛିନ୍ନ ଛତର ହୋଇ ମାଟିରେ ମିଶି ଯାଇଛି, କିଛି ବି ଜିନିଷ ପତ୍ର ର ପତ୍ତା ନାହିଁ।
କଣ୍ କରିବି କିପରି ମୋ ଛୁଆ ଦୁହିଁଙ୍କର ଜୀବନ ବଞ୍ଚାଇ ବି ମାଆ...?

ପ୍ରଭା ଦେବୀ ତା' କଥା ଶୁଣି ଅବାକ୍ । ଏକ ଦମ୍ ବାକ୍ୟ ଶୂନ୍ୟ । ଭାବୁଥାନ୍ତି ବିଚାରି ମଞ୍ଜୁ ସ୍ୱାମୀ ପରିତ୍ୟକ୍ତା , ଦୁଃଖିନୀ ଟିଏ....କେତେ କଷ୍ଟରେ ଛୁଆ ଦୁହିଁଙ୍କ ପେଟରେ ଦାନା ଦେଉଚି, ସେମାନଙ୍କୁ ପାଠ ପଠାଉଛି,ଏ ନିର୍ଦ୍ଦୟ ଫଣି ତାକୁ ବି ଛାଡ଼ି ଲାନି..ଦୁଃଖ ସାଗର ରେ ଭସାଇ ଦେଇ ଚାଲିଗଲା ।
ମଞ୍ଜୁ ର ଦୁଃଖ କାହାଣୀ ଭିତରେ ପ୍ରଭା ଦେବୀ ଏମିତି ହଜି ଯାଇଥିଲେ ଯେ , ବୋଧ ହୁଏ ଭୁଲି ଯାଇଥିଲେ ନିଜ କଥା । ହଠାତ୍ ତାଙ୍କର ମନେ ପଡି ଗଲା , ଆରେ ମଞ୍ଜୁ ମୋ ଝିଅର ବରହମ୍ ପୁରି ପାଟ ଶାଢୀ ଟା ? ୧୨ହଜାର ଟଙ୍କା ଦେଇ ଆଣିଥିଲି,କଳା ମନ୍ଦିର ରୁ ତା'ର ପ୍ରଥମ ସାବିତ୍ରୀ ପାଇଁ !!

ମଞ୍ଜୁ ମୁହଁରେ ଆଉ ଉତ୍ତର କାହିଁ ? ସେ ଭାଷା ଶୂନ୍ୟ, ନିରୁତ୍ତର..ବଲ ବଲ କରି ଚାହିଁରହି ଥାଏ ।
ପ୍ରଭା ଦେବୀଙ୍କ ମୁହଁକୁ । ପ୍ରଭାଦେବୀ ସବୁ ବୁଝି ଗଲେ ! ମନରେ ଭାବୁଥାନ୍ତି , ଆରେ ଝିଅ ସିପ୍ରା କୁ କି ଉତ୍ତର ଦେବି !! କେତେ ଖୁସି ହୋଇଥିଲା ହ୍ୱାଟ୍ -ସପ୍ ରେ ସେହି ଲାଟେଷ୍ଟ୍ ଡିଜାଇନ୍ ଇଉନିକ୍ ଷ୍ଟାଇଲପାଟ ଶାଢ଼ୀ ଟିକୁ ଦେଖି !! ବିଚରା ଭାରି ମନ କଷ୍ଟ କରିବ ଛୁଆଟି ମୋର.....ଠିକ୍ ଏତିକ ବେଳେ ଯୋଗକୁ ବାଙ୍ଗାଲୋର ରେ ସଫ୍ଟ୍ ୱ୍ରର ଇଞ୍ଜିନିୟର ଥିବା ଝିଅ ସିପ୍ରା ଫୋନ କଲା, ମାମାଙ୍କ ଠାରୁ ସବୁ କଥା ଶୁଣି, ତା' ବରହମ୍- ପୁରି ପାଟ ର ନଖୋଜ ଖବର ରେ ମନ ଦୁଃଖ କରିବ କ'ଣ୍ ? ବରଂ ତା'ର ଦରଦୀ ହୃଦୟ ରେ ବିବେକ ର ମଣିଷ ପଣିଆ ଜାଗି ଉଠିଲା, ତା,ମାଙ୍କୁ ସେ ଅନୁରୋଧ କଲା, ମାମା ମଞ୍ଜୁ କୁ ତୁରନ୍ତ ୧୦ ହଜାର ଟଙ୍କା ଦେଇ ଦିଅ, ମୁଁ କାଲି ତୁମ ଆକାଉଣ୍ଟ୍ କୁ ଟଙ୍କା ପଠାଇ ଦେବି ... ।
ପ୍ରଭା ଦେବୀ ନୀରବରେ ଝିଅ ସିପ୍ରା ର କଥା ମନ୍ ଦେଇ ଶୁଣୁ ଥିଲେ....!!

( ମୋବାଇଲ : ୯୭୭୭୫୯୯୬୯୫)

ଅଣୁ ଗଳ୍ପ ବିଶେଷାଙ୍କ
ସୃଜନୀ ପରିବାର, ଚେନ୍ନାଇ
ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର



# ଗନ୍ଧିଆ ଗନ୍ଧର୍ବ

- ପ୍ରସନ୍ନ କୁମାର ମାଦଳା

ଆଜି କୁଆଡେ ଚିଠି ଆସିଛି କଟକ ଡାକ୍ତର ବାବୁଙ୍କ ଠାରୁ, ଅଳ୍ପ ଦିନରେ ଗନ୍ଧିଆ ଭଲ ହୋଇଯିବ ଆଉ ଗନ୍ଧର୍ବ ସାଜିଯିବ ।

ତା' ମାଆ ମରିଗଲାଠୁ ଗନ୍ଧିଆ ମୁହଁରୁ ହସ ଟିକେ ନିଖେ ବୋଲି ଯାହା ଥିଲା ସବୁ ଲିଭିଗଲା । ଅନବରତ ଭିଜା ଭିଜା ଲାଗୁଥିବା ତା ପଶିଯାଇଥିବା ଆଖିକୁ ଦେଖିଲେ ଯେ କେହି ବୁଝିଯାଇପାରିବ କଥା କହିପାରୁ ନଥିବା ସତ୍ତ୍ୱେ କେତେ ଯେ କୋହ ଆଉ ଦୁଃଖ ତା ଉଦାସ ମୁହଁରେ ଭରି ରହିଛି । ଆଗ ଭଳି ଠିକ୍ ଭାବେ ଖିଆ ପିଆ ବି କରୁନି ବୋଲି ଦେହଟା କଙ୍କାଳସାର ହେଲାଣି । ଏକୁଟିଆ ତା ବାପା କେତେ ଜଣ କରିବ? ଚାକିରିଟା ଛାଡ଼ିଦେଇ ଘର ମୁହଁରେ ଦୋକାନଟିଏ କରିଛି ଖାସ୍ ଏହି ଗନ୍ଧିଆ ପାଇଁ, ତା ଦେଖାଶୁଣା କରିପାରିବ ବୋଲି । ହେଲେ ଚବିଶ ଘଣ୍ଟା ତା ମାଆ ପରି ପଛେ ପଛେ ରହିପାରୁନି। ଘର ଚଳାଇବାକୁ ଦୋକାନ ବି ତ ଦେଖିବାକୁ ପଡୁଛି । କୋଉ ଦିଗର ରହିଲାନି ଘନଶ୍ୟାମ । ପୂର୍ବାର୍ଜିତ କୋଉ ଦୁଷ୍କୃତର ଫଳ ଯେ ଭୋଗୁଛି ଏ ଗନ୍ଧିଆ ପାଇଁ ଘାଣ୍ଟି ଚକଟି ହେଉଛି, ସେତକ ଭାବିବାକୁ ବି ସମୟ ନାହିଁ । ମଣିଷ ଜନ୍ମରେ ଭଗବାନ ରାମଚନ୍ଦ୍ର ବି କେତେ ଦୁଃଖ ସହିଥିଲେ ... ସବୁ ନିୟତିର ବିଧାନ ବୋଲି ।

ଗନ୍ଧିଆ, ଜନ୍ମରୁ ଏମିତି ନଥିଲା । ଗୁଲଗାଲିଆ ସୁନ୍ଦର ଚେହେରାରେ ମୋହିତ ହେଇ ଗନ୍ଧର୍ବ ବୋଲି ନାଁ ଦେଇଥିଲା ଘନଶ୍ୟାମ । କେଜାଣି କାହିଁକି ଦେଢ ବରଷର ହେଲା ବେଳକୁ କୋଉଠୁ ଗୋଟେ ଅପନ୍ତରା ରୋଗ ଆସି ମାଡି ବସିଲା ଯେ ସବୁ ସରିଗଲା, ଦୁର୍ବଳ କରିଦେଲା ପିଲାଟାକୁ । ଆଉ ତା ହାତ ଗୋଡ଼ ଓ ମୁହଁ ବଙ୍କା ହେଇଗଲା - ପୋଲିଓ ରୋଗ ଭଳି । ଅକର୍ମଣ୍ୟ କରିଦେଲା ପୂରାପୂରି, ଡାକ୍ତର ଦେଖେଇ ଦେଖେଇ ନୟାନ୍ତ ତଥା ସର୍ବସ୍ୱାନ୍ତ ହୋଇଗଲା ଘନଶ୍ୟାମ । ଆଶା ସିନା ମଉଳି ଗଲା, ହେଲେ ଅବହେଳା କେବେ କରିନାହାନ୍ତି ପତି ପତ୍ନୀ ପିଲାଟିର ଯତ୍ନ ନେବାରେ। ଗନ୍ଧର୍ବ ବାପା ମାଆଙ୍କ କୋଳଛଡା ହେଲା ବେଳକୁ କେମିତି କେଜାଣି ଗନ୍ଧିଆ ହେଇଗଲା ଅଳ୍ପ କେଇ ବର୍ଷରେ । ନା ପାଦ ପକାଇ ଠିକ୍ ଚାଲି ପାରୁଥିଲା ନା ମୁହଁକୁ ହାତ ବଢାଇ ନିଜେ କିଛି ଖାଇ ପାରୁଥିଲା । ଶେଯରେ ମୁତିବାଠୁ ଆରମ୍ଭ କରି ଘର ଅଗଣାରେ ହଗିବା ତ ସବୁଦିନିଆ କଥା, ମାଆ ତାର ହାତରେ ଖୁଆଇ ପିଆଇ, ଶୌଚ କରାଇ ଲୁଗାପଟା ଧୋଇଧାଇ ଅଠର ବର୍ଷ କାଳ ପାଳିନେଲା । କେବେ ଗୀତ ଗାଇ ଶୁଆଇ ଦିଏ ତ କେବେ ଗପ କହି ଖୁଆଇ ଦିଏ ହସାଇ ଦିଏ । ଏ ଜଞ୍ଜାଳ ଆଉ ଚିନ୍ତାରେ ସିଏ ନିଜେ ବି ରୋଗଗ୍ରସ୍ତ ହୋଇ ଆରପାରିକୁ ଚାଲିଗଲା ଚିକିତ୍ସା ଅଭାବରୁ । ଥରେ କଟକ ଯାଇଥିଲେ ସପରିବାର ମାଆର ଚିକିତ୍ସା ପାଇଁ, ଡାକ୍ତର ଗନ୍ଧର୍ବକୁ ବି ଦେଖିଲେ ଆଉ ତାହାର ଏକ୍ସରେ ଆଦି ପରୀକ୍ଷା ନିରୀକ୍ଷା କରିଥିଲେ ।

ଏବେ ଦୁଇବର୍ଷ ହେଲା ଘନଶ୍ୟାମ ଥକିଗଲାଣି ଏକୁଟିଆ ଏତେ ବୋଝ ଉଠାଇ । ଭାବିଥିଲା ଦ୍ୱିତୀୟ ବିବାହ କରି ଚଳିଯିବାକୁ । ହେଲେ ଗନ୍ଧର୍ବ କାଳେ ସ୍ୱୀକାର କରିବ କି ନାହିଁ ଭାବି ସାହସ କଲାନି । ହନ୍ତସନ୍ତ ହୋଇ ଥରେ ତାକୁ ମୁକ୍ତି ଦେଇଦେବା ପାଇଁ କୃତ୍ରିମ ଦୁର୍ଘଟଣାର ଉପାୟ ବି ଭାବିଥିଲା, ହେଲେ ଏତେ ବଡ଼ ପାପ କରିପାରିଲାନି । ନିଜେ ବି ବିଷ ଖାଇ ପାରିଲାନି.... ଜୀବନର ଦର୍ଶନ ଖୋଜୁ ଖୋଜୁ ପୁତ୍ର ମମତା ମୋହରେ ଅଧିକରୁ ଅଧିକ ଛନ୍ଦି ହୋଇଯାଉଥିଲା ।

ଆଜି କଟକର ସେହି ଡାକ୍ତରଙ୍କ ଠାରୁ ଚିଠି ଆସିଛି । ଘନଶ୍ୟାମର ପାଦ ତଳେ ଲାଗୁନି, ପୁଅକୁ ନେଇ କାଲି ସକାଳେ କଟକ ଚାଲିଯିବ ବୋଲି ସଜବାଜ ହେଉଛି । ବେଶି କୁଆଡେ ଖର୍ଚ୍ଚ ବି ହେବନି, କଲିକତାର ଏକ NGO ସହାୟତାରେ ଗନ୍ଧର୍ବର ଉନ୍ନତମାନର ଚିକିତ୍ସା ଥାଇଲାଣ୍ଡର ଡାକ୍ତର କରିବେ, ଆଉ ଗନ୍ଧର୍ବ କୁଆଡେ ଭଲ ହୋଇଯିବ ବୋଲି ଲେଖିଛନ୍ତି । ମାଆ ତାର ଥାଆନ୍ତା କି ଆଖିରେ ଟିକେ ଏସବୁ ଦେଖିବାକୁ ।

(ରାଉରକେଲା- ଦୂରଭାଷ – ୭୯୭୮୧୯୨୨୨୭)

ଅଣୁ ଗଳ୍ପ ବିଶେଷାଙ୍କ

ସୃଜନୀ ପରିବାର,ଚେନ୍ନାଇ

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା

ହିରଣ୍ମୟୀ

ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର



# ସହୃଦୟତା

-ଜୟଶ୍ରୀ ପଟ୍ଟନାୟକ



ସହରର ଜଣେ ମାଲିକ ଘରେ କାମବାଲି ଟିଏ କାମ କରୁଥାଏ । ନିତି ସକାଳ ସଞ୍ଜ କାମ କରି ଘରକୁ ଯାଏ । ସେଦିନ ମାଲିକିଆଣି ଝିଅ ଘରକୁ ଯିବେ ବୋଲି ସଜବାଜ ହେଉଥାନ୍ତି ଏହି ସମୟରେ ଓଠରେ ଶାଢ଼ୀ ମୁତାବକ ଲିପ୍ସଟିକ ଲଗାଇବା ପାଇଁ କାମବାଲିକୁ ଛୋଟ ଦର୍ପଣ ଟିଏ ଆଣିବାକୁ କହିଲେ । କାମବାଲି ଗୋଟେ ହାତରେ ଝାଡୁ ଆଉ ଆର ହାତରେ ଦର୍ପଣ ଆଣି ଆସୁ ଆସୁ ଝୁଣ୍ଟିପଡ଼ିଲା ଫଳରେ ଦର୍ପଣ ଟି ହାତରୁ ଖସିଯାଇ ତଳେ ପଡି ଚୂନା ହୋଇଗଲା । ମାଲିକିଆଣି କିଛି ନ ବୁଝି ତା ଗାଲରେ ଚଟକିଣି ଟିଏ ବସେଇଦେଲେ । କହିଲେ ଦାୟିତ୍ୱହୀନତାର ପୁରସ୍କାର ପାଇଲୁ । କାମବାଲି ମନରେ ରାଗ ଆସୁଥିଲେ ବି ମାଲିକିଆଣି କୁ ସମ୍ମାନ ଦେଖାଇ ଚୁପ ରହିଲା । ଛୋଟେଇ ଛୋଟେଇ ବାହାରକୁ ଗଲା ।



ପଡିଶା ଘରୁ ଅମୃତଞ୍ଜନ ଟିକେ ମାଗି ଗୋଡ ରେ ଲଗାଇ, ଓଦା ପଟି ଭିଡି ଘରକୁ ଗଲା । ତା ପରଦିନ ଗୋଡ ଯନ୍ତ୍ରଣା ଯୋଗୁ କାମକୁ ଆସିଲା ନାହିଁ । ଫୋନ କରି ଏ କଥା ଜଣାଇ ଦେଲା । ମାଲିକିଆଣି ଘର କାମ ସାରି ଘରର ଚଟାଣ ଟାକୁ ପାଣିରେ ଧୋଉ ଧୋଉ ଚପଲଟି ଖସିଗଲା ଆଉ ସେ ପଡିଲେ ଯାଇ ଖଣ୍ଡେ ଦୂରରେ । ଗୋଇଠି ମକଚି ଗଲା । ତାଙ୍କ ଫୋନ ଶୁଣି କାମ ବାଲି ଛୋଟା ଗୋଡ଼ରେ ତାଙ୍କୁ ଆସି ଉଠାଇଲା । ଗୋଡ଼ରେ ଆୟୋଡକ୍ସ ଘଷି ଓଦା ପଟି ବାନ୍ଧି ଚୌକି ରେ ବସାଇଲା । ରାତି ଦିନ ତାଙ୍କ ସେବା କରିଲା । ମାଲିକିଆଣି  ସୁସ୍ଥ ହେବା ଯାଏଁ କିଛି ଦିନ ଦୁହେଁ ମିଳିମିଶି କାମ କରିଲେ । କାମବାଲି ର ଏତାଦୃଶ ସେବା ଦେଖି ନିଜ ଭୁଲ ବୁଝିପାରି ଅନୁତାପ କରିଲେ ମାଲିକିଆଣି  ଏବଂ ତାକୁ ପାଖକୁ ଡାକି କହିଲେ ସେଦିନ ରାଗରେ ଚଟକିଣି ମାରି ମୁଁ ଭୁଲ କରିଛି । ତୁ ଆଜି ମୋ ଆଖିର ଅନ୍ଧପୁଟୁଳି ଖୋଲି ଦେଇଛୁ । ବାସ୍ତବିକ ମୋର ତୋ ପାଖରେ ସହୃଦୟତା କଣ , ସେକଥା ଶିଖିବାର ଥିଲା ।

ଗଙ୍ଗନଗର ସ୍କୋୟାର,

ଭୁବନେଶ୍ୱର

ଅଣୁ ଗଳ୍ପ ବିଶେଷାଙ୍କ

ସୃଜନୀ ପରିବାର,ଚେନ୍ନାଇ

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର







# ଆକାଶୀ

ରମେଶ ଚନ୍ଦ୍ର ପସାଏତ

ଆକାଶକୁ ଚାହିଁଛି ଆକାଶୀ ।
ଉଚ୍ଛୁଳା ଯୌବନା ଲାବଣ୍ୟ ତନୁଶ୍ରୀ ତାର ସ୍ୱପ୍ନିଳ- ବିହଙ୍ଗ ଆଖି ଦୁଇଟିରେ ଫୁଟିଉଠୁଛି ଆସନ୍ନ ସନ୍ଧ୍ୟା । ମଞ୍ଜୁଳ ଗଗନ । ସୂର୍ଯ୍ୟ ବାରୁଣୀରେ ବିଶ୍ରାମ କରିଛନ୍ତି । ଦିବ୍ୟ ଆଭା ଯୁକ୍ତ ପଶ୍ଚିମାକାଶ ଅରୁଣ କଷାୟ ଉତ୍ତରୀୟ ଧାରଣ କରି ଆକାଶୀର ସୁଷମାକୁ ବଙ୍କେଇ ଚାହିଁ ଅନ୍ଧାର ଭିତରକୁ ପଶିଯାଉଛି ।ମନ୍ଦ ମନ୍ଦ ମନ ମତାଣିଆଁ ପବନ ତରଙ୍ଗାୟିତ ।
କଣ ଭାବୁଛି କେଜାଣି ଆକାଶୀ ?
ଆକାଶରେ ଲାଖିଯାଇଛି ତାର ଅପଲକ ଆଖି । କେତେ ବେଳ ଗଡିଗଲାଣି । ମିଞ୍ଜି ମିଞ୍ଜି ତାରାମାନେ ହସୁଛନ୍ତି ତା' ସହ ରଜତ ଜହ୍ନ ବି ହସୁଛି । ତା'ର ମନେ ପଡିଗଲା,ଏମିତି ଏକ ସନ୍ଧ୍ୟା ଶେଷ ଶୁଭ ବେଳାରେ ତା ବାପାଙ୍କ ମୁହଁରୁ ଝରିପଡିଥିବା କେତୋଟି ଭାବମୟ କଥା ।

"ମାଆ ଆକାଶୀ ! ଆଜି ତୋତେ କଥାଟେ କହୁଛି ମନେ ରଖିଥିବୁ ମାଆ ।
ଆକାଶୀର ଜିଜ୍ଞାସୁ ପ୍ରତ୍ୟୁତ୍ତର , ହଁ ବାପା କୁହନ୍ତୁ ।

" ମାଆ ଗୋ ,ଏ ଆକାଶକୁ ଦେଖୁଛୁ ? କିଛି ସମୟ ପୂର୍ବରୁ ଏ ଆକାଶଟା କେଡେ ସୁନ୍ଦର ଦିଶୁଥିଲା । ପକ୍ଷୀମାନେ ଦିନଚର୍ଯ୍ୟା ସାରି ନୀଡକୁ ଫେରୁଥିଲେ । ଏବେ କିନ୍ତୁ ଅନ୍ଧାର ତଥାପି ଯଦିଓ ତାରା ଜହ୍ନ ଅଛନ୍ତି ।

ମାଁ,ଏ ଆକାଶଟା ମେଘର ତୁର୍ମି ତୋଫାନକୁ ସହେ, ବର୍ଷାରେ ଭିଜେ, ନିଦାଘର ପ୍ରଚଣ୍ଡ ଅଂଶୁଘାତକୁ ହଜମ କରେ । ବିଜୁଳିରେ ଜଳେ । ଦଶହରା ,ହୋଲି ଆଦି ପାର୍ବଣରେ ବାଣ ଫୁଟିଲେ ଉବୁକ୍ ଚୁବୁକ୍ ହୋଇ ବାରୁଦ ଧୂଆଁ ପିଏ । କାହାକୁ କିଛି କହେ ନାହିଁ । କାହିଁକି ଜାଣିଛୁ ମାଁ ?

ସେ ଯୁଦ୍ଧକୁ ଘୃଣା କରେ । ସେ ଭୀରୁ ନୁହେ ମାଁ । ସେ ଚାହିଁଲେ ପୃଥ୍ୱୀ ଧ୍ୱଂସ ହୋଇ ଯିବ । କିନ୍ତୁ ସକାଳେ ଦେଖିବୁ ସେ ଭାରି ଶାନ୍ତ ସରଳ ନିଷ୍କପଟ ଶିଶୁଟେ ପରି ହସୁଥାଏ । ତେଣୁ ଶତ୍ରୁ ବି ମିତ୍ର ହୋଇଯାଏ । ମୁଁ ଆଉ କେତେ ଦିନ ଥିବି ମାଆ, ତୁ ଦୁଃଖରେ ଥିଲେ ଏ ଆକାଶକୁ ପଚାରିବୁ । ଏ ମାଟି ମାଁକୁ କହିବୁ । ଦେଖିବୁ ତୋ ଭିତରେ ଅମାପ ଶକ୍ତି କିଶଳି ଉଠିବ ନିଶ୍ଚୟ ।"


ଥପ୍ ଥପ୍ ଥିପୁଥାଏ ଆଖିର ଲୁହ ଆକାଶୀର । ସେ ଆଜି ଏକାକିନୀ । ଘର ଅଛି । ସେ ଗାଁ ଦାଣ୍ଡର ମର୍କରି ଲାଇଟ୍ ସଜାଡିବା ପରେ ଏବେ ବି ଜଳୁଛି । କିନ୍ତୁ ପାଖ ଘରର ଛଅ ବର୍ଷର ଶିଶୁ କନ୍ୟାକୁ ବଞ୍ଚାଇବାକୁ ଯାଇ ବାପା ଫନିରେ ଆରପାରିକୁ ଚାଲିଯାଇଛନ୍ତି ।

ମୁହଁରେ ଦୁଇହାତକୁ ଚାପି ଆକାଶୀ ବସି ପଡିଲା । ତା କ୍ରନ୍ଦନ ଧ୍ୱନି ଅନ୍ୟ କେ ଶୁଣିବା ପୂର୍ବରୁ ଦୂରରୁ ମାଇକ୍ ର ଘୋର ଗର୍ଜନ ଶୁଣାଗଲା--'ଆମର୍ ନେତା ଜିନ୍ଦାବାଦ' ...(ବାରମ୍ବାର )... ।



# ପ୍ରଶ୍ନ

-ରାଧାରାଣୀ ତ୍ରିପାଠୀ



ସ୍ୱାମୀଙ୍କୁ ଦେଖୁ ଦେଖୁ ସ୍ତ୍ରୀ ପ୍ରଶ୍ନ କଲେ -' ତୁମେ ମାଆଙ୍କୁ ଏଇଠି କାହିଁକି ରଖିଛ ଶୁଣେ ?' ତା'ପରେ ଝିଅକୁ କୋଳକୁ ଜାକି ନେଇ ପୁଣି ତୀର ଛାଡିଲେ ସ୍ୱାମୀଙ୍କ ଉଦ୍ଦେଶ୍ୟରେ - 'ଶୁଣ ,ତୁମ ମାଆଙ୍କ ପାଇଁ ଅନ୍ୟ କେଉଁଠି ବ୍ୟବସ୍ଥା କରିଦିଅ । ସେ ଏଇଠି ରହି ପାରିବେ ନାହିଁ । '

'ଏଇ ଶୁଣ ତୁ ବି ବେଶି ଜେଜେମାଆ ସୁହାଗ ଦେଖାନା କହୁଛି । ତାଙ୍କ ପାଖକୁ ଯିବୁନି କି ତାଙ୍କ କୋଳରେ ବସି ଗପ ଶୁଣିବୁନି । ମୁଁ ତୋତେ ଷ୍ଟୋରୀ ଶୁଣେଇବି ହେଲା । ଝିଅର କଅଁଳ ଗାଲକୁ ନିଷ୍ଠୁର ଭାବେ ଚିପି ଧରି ତାକୁ ବି ଏତକ କହି ପକାଇଲେ ।

କିଛି ବୁଝି ପାରୁ ନ ଥାଏ ଆଠ ବର୍ଷର କଅଁଳ ଶିଶୁ । ସ୍ୱାମୀଙ୍କ ବି ଭାବନା ବାହାରେ ,କ'ଣ କହିବାକୁ ଚାଉଁଛି ତାଙ୍କ ସ୍ତ୍ରୀ ।

'କାଇଁ ମାଆ ତୁମକୁ କିଛି କହିଲା କି ? ' ଟିକିଏ କଅଁଳେଇ ପ୍ରଶ୍ନ କଲେ ସ୍ୱାମୀ ।

'କିଛି ନାହିଁ । ଜାଣ? ତୁମ ମାଆଙ୍କୁ ଟିବି ହେଇଚି ଟିବି । ଡିଆଁ ରୋଗ । ସେ ଏଠି ରହିଲେ ମୋ ଝିଅକୁ ଡେଇଁବ । ମୁଁ ସହି ପାରିବିନି ଏ ସବୁ । ଆଉ ହଁ କହି ଦେଉଛି ସେ ଚିକିତ୍ସା ଫିକିତ୍ସା କଥା ଭୁଲିଯାଅ । ଏ ଘରେ ସେ ରହିବେନି ମାନେ ରହିବେନି '। ଏକ ରକମର ନିଷ୍ପତି ଶୁଣେଇ ଦେଲେ ସେ ।

'ମାମା ଗୋଟେ ପ୍ରଶ୍ନ ପଚାରିବି ? ଡରି ଡରି କହିଲା ଝିଅ ।

'ପଚାର କ'ଣ ପଚାରିବୁ ? ରାଗରେ ତମ ତମ ହୋଇ କହିଲେ ସେ ।

'ମାମା ମୋତେ ଯଦି କେବେ ଟିବି ହୋଇଯାଏ !'ପ୍ରଶ୍ନିଳ ଭଙ୍ଗିରେ କହିଲା ଝିଅ '। ମୋତେ ବି ଏମିତି ଘରୁ ବାହାର କରି ଦେବନା ?

ଜେଜେମାଆଙ୍କ ପରି ? ନଚେତ ରୋଗ ତୁମକୁ ଡେଇଁବ , ବାବାଙ୍କୁ ବି ଡେଇଁ ପାରେ । '

ବେଲୁନରେ ଛୁଞ୍ଚି ମାରିଦେଲେ ଏକା ଥରକେ ପବନ ଫୁସ ହୋଇଗଲା ପରି ପୁରା ନିର୍ବାକ ହୋଇ ଝିଅର ମୁହଁକୁ ଚାହିଁ ରହିଥିଲେ ସ୍ୱାମୀ ସ୍ତ୍ରୀ ଦି 'ଜଣ ।।

ଭାରତୀ କୁଟୀର ,
ଡୁଙ୍ଗୁରିପାଲି -୭୬୭୦୨୩ ,ସୁବର୍ଣ୍ଣପୁର (ଓଡିଶା )

ଅଣୁ ଗଳ୍ପ ବିଶେଷାଙ୍କ
ସୃଜନୀ ପରିବାର,ଚେନ୍ନାଇ
ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର



# ବାପା

**ଶକ୍ତିପ୍ରଭା ମିଶ୍ର**



କୋଳକୁ ଆଉଜେଇ ଆଣି ପାକୁଆ ପାଟି ଭିତରକୁ କିଛି କ୍ଷୀରି ଦେବା ବେଳକୁ ଫେକ୍ କରି ହସିଦେଇ ବାପା କହିଲେ , ରାମ ,ଏବେ ତୁ ମୋର ବାପା ହେଇଗଲୁ । ବାପାଙ୍କ ଆଖି ତଳକୁ ଦୁଇ ଧାର ଲୁହ ଗଡ଼ିଗଲା । ତାଙ୍କୁ କିଛି କହିବା ଆଗରୁ ରାମ ସତର୍କରେ ନିଜ ଆଖି ଲୁହ ପୋଛି ନେଇଥିଲା ।

ବାପା ଗାଢ଼ ନିଦରେ ଖଟ ଉପରେ ଶୋଇଯାଇଥିଲେ । ତାଙ୍କ ମୁହଁକୁ ଚାହିଁ ରହିଥିଲା ରାମ । ପତ୍ନୀ ସଫା ସଫା କହିସାରିଛି ବାପା ଆଉ ତା ଭିତରେ କାହାକୁ ଜଣକୁ ବାଛିବାକୁ ।

ବାପାଙ୍କୁ ନେବାପାଇଁ ଦୁଆର ମୁହଁରେ ଗାଡ଼ି ଆସି ଥୁଆହୋଇଥିଲା । ଗାଡ଼ି ପାଖରେ ଠିଆହୋଇ ରାମ ତା ସ୍ତ୍ରୀକୁ ଚାହିଁଲା । ସ୍ତ୍ରୀ ଏତେ ଖୁସିରେ ବାପାଙ୍କ କାମ କରିବା ବୋଧହୁଏ ଆଗରୁ କେବେ ଲକ୍ଷ୍ୟ କରିନଥିଲା ସିଏ ।



ହଠାତ୍ ସ୍ତ୍ରୀ ର ଚିତ୍କାର ଶୁଣି ରାମ ଦଉଡ଼ିଗଲା ଭିତରକୁ । ସ୍ତ୍ରୀ ଲୁହ ଗଡ଼େଇ କାନ୍ଦୁଥିଲା । ଅଧାଖିଆ କ୍ଷୀରି ଗିନାଟିକୁ ଚାହିଁରହି ବେଳକୁ ବେଳ କାଠ ପାଲଟୁଥିଲା ରାମ ।

ବାପାଙ୍କ ଫଟୋ ସାମନାରେ ବାସନା ଧୂପ ବୁଲେଇଲା ବେଳେ ଆଖିରୁ ଲୁହ ପୋଛି ରାମ କହୁଥିଲା , ସବୁ ବିପତ୍ତିରୁ ପୁଅକୁ ରକ୍ଷା କରିପାରୁଥିବା ବ୍ୟକ୍ତିକୁ ତ ବାପା କୁହାଯାଇଥାଏ । ମୃତ୍ୟୁରେ ବି ତୁମେ ହିଁ ମୋ ବାପା ହୋଇ ରହିଗଲ ।

**ଭୁବନେଶ୍ୱର**



# ଅସ୍ତ୍ରବିରତି



-ପ୍ରବାସିନୀ ହୋତା

ସେନାଛାଉଣୀର ଅଳ୍ପ ଦୂରରେ ଗୋଟିଏ ଛୋଟ ପାହାଡ଼ (ମୁଣ୍ଡିଆ) । ପାହାଡକୁ ଲାଗି ପଛପଟେ ବିସ୍ତୀର୍ଣ୍ଣ ଚାରଣ ଭୂଇଁ । ଅସ୍ତ୍ର-ବିରତି ଲାଗୁ ହେଲା ଦିନଠୁ ଯାଯାବର ମାନେ ଆସି ପୁଣି ଚରେଇ ବସିଲେଣି ତାଙ୍କ ଗାଈ ଓ ମେଣ୍ଢାପଲ ।

ଅସ୍ତ୍ର-ବିରତି ର ନିର୍ଦ୍ଦେଶ ଆସିବାର ପନ୍ଦର ଦିନ ହୋଇଗଲାଣି । ଯଦି ଯୁଦ୍ଧ ବନ୍ଦ ହୋଇଯାଏ, ସମସ୍ତେ ଫେରିବେ ନିଜ ନିଜ ଇଲାକାକୁ । ସୈନିକ ମାନେ ଏବେ ରିଲାକ୍ସଡ୍ ମୁଡ୍ ରେ । ଶିବିର ଭିତରେ ପିଆଖିଆ,ନାଚଗୀତର ମାହୋଲ । ମେଜର୍ ଶଶାଙ୍କ ଶର୍ମାର କିନ୍ତୁ ସେ ସବୁରେ ମନ ନାହିଁ । ଗାଁ ଘର କଥା ମନେ ପକାଉ ପକାଉ ପାଦ ତାର ତାକୁ ଟାଣି ନେଇଯାଏ ପାହାଡ଼ ତଳର ତୃଣ ଭୂଇଁକୁ । ଯାଯାବର ଙ୍କ ପଶୁ ଚରାଉଥିବାର ଗୋଟିଏ ଦୃଶ୍ୟ ସହ ତାର ଆଖି ଏଇ ପନ୍ଦର ଦିନ ଭିତରେ ଏତେ ଅଭ୍ୟସ୍ତ ହୋଇଯାଇଛି ଯେ ସେହି ଜାଗାକୁ ଆସିବାରୁ ସେ ନିଜକୁ ନିବୃତ୍ତ କରିପାରେ ନି । ସେଦିନ ବି ସେ ଖୋଜି ହେଲା ତାକୁ । ଏପଟେ ସେପଟେ ନଜର ଦଉଡାଇଲା କିନ୍ତୁ ତାକୁ ଦେଖି ପାରିଲାନି ବୋଲି ସାରାରାତି ଛଟପଟ ହୋଇଛି ବିଛଣାରେ ।

ଯୁଦ୍ଧ ବନ୍ଦ ର ନିର୍ଦ୍ଦେଶ ଆସିଯାଇଛି ଗତ କାଲିଠୁ । ନିଜ ନିଜ ଜିନିଷପତ୍ର ଗୋଟେଇ ସମସ୍ତେ ବୋଝେଇ କରିସାରିଲେଣି ବସ ମାନଙ୍କରେ । ଶଶାଙ୍କ ଆନମନା ହୋଇ ଛିଡା ହୋଇଛି ପାହାଡ଼ ଆଡ଼କୁ ଅପଲକ ଦେଖି ଦେଖି ।

ବାରମ୍ବାର ବସର ହର୍ଣ୍ଣରେ ବାଧ୍ୟ ହୋଇ ଶଶାଙ୍କ ଉପରକୁ ଉଠିଲା । ସିଟ୍ କଡ଼ ଝରକା ଦେଇ ବି ଖୋଜି ହେଉଥିଲା ତା'ର ଆଖି--ଷୋଡଶୀ ସେଇ ଯାଯାବରୀ--ସେଇ ପୁରୁଣା ଦୃଶ୍ୟ । ମେଣ୍ଢାପଲଙ୍କ ଭିତରେ କୁନିକୁନି ମେଣ୍ଢା ଛୁଆଙ୍କୁ କୋକଦେଇ ଗେଲ କରୁଥିବାର ସେ ସ୍ୱଚ୍ଛନ୍ଦ ଦୃଶ୍ୟ, ଯେଉଁଠି ପଶୁ ଆଉ ମଣିଷର ହୃଦୟ ଭିତରେ କୌଣସି ଦୂରତା ନ ଥିଲା, ନ ଥିଲା ବି କିଛି ଆବିଳତା । କିଛି ଗୋଟେ ସବୁଦିନ ପାଇଁ ହରାଇ ଛାଡ଼ି ଚାଲିଗଲା ଭଳି ବୋଧ ହେଉଥିଲା ଶଶାଙ୍କ କୁ । ହୃଦୟର ପ୍ରତି ସ୍ପନ୍ଦନ ସହିତ ଯନ୍ତ୍ରଣା ଟିଏ ରୁଗ୍ ରୁଗ୍ କରୁଥିଲା ଭିତରେ ଭିତରେ ।

ଶଶାଙ୍କ ଭାବୁଥିଲା- ସମସ୍ତଙ୍କ ହୃଦୟ ତ ଏକା ପରି । ଆଞ୍ଜୁଳାଏ ରକ୍ତରେ ଆର୍ଦ୍ର ମୁଠାଏ ମାଂସର ପିଣ୍ଡୁଳା ଟିଏ । ତଥାପି କାହିଁକି ହୃଦୟ ହୃଦୟ ଭିତରେ ଏତେ ପାର୍ଥକ୍ୟ ?? କିଛି ହୃଦୟରେ ପଶୁ ପାଇଁ ବି ଅଫୁରନ୍ତ ସ୍ନେହର ଉସ୍କୂପ ତ ଆଉ କିଛି ହୃଦୟରେ ମଣିଷକୁ ହାଣି ଦେବାରେ ଟିକେ ବି ଅବଶୋଷ ଥାଏନି କେମିତି ?? ମଣିଷର ଜୀବନ ଟା ବି ଗୋଟେ ଅସ୍ତ୍ରବିରତି ହେଇଯାଆନ୍ତା ନି ?? ଆଉ ସାରା ପୃଥିବୀଟା ଗୋଟେ ସ୍ୱପ୍ନ ବିଭୋର ଫୁଲବଣ ?? ଯେଉଁଠି ସେମିତିକା ଯାଯାବରୀ ମାନେ ସ୍ୱପ୍ନ ସବୁଙ୍କୁ ସ୍ୱଚ୍ଛନ୍ଦରେ ଚରଉଥାନ୍ତେ,ହୁରୁଡାଉଥାନ୍ତେ,ଗେଲ କରୁଥାନ୍ତେ !!!

**ଭଟଲି ଛକ, ବରଗଡ଼,**

ଅଣୁ ଗଳ୍ପ ବିଶେଷାଙ୍କ
ସୃଜନୀ ପରିବାର,ଚେନ୍ନାଇ
ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର



# ରିଂ

ରବି ପଣ୍ଡା

ଫୋନ୍ ନମ୍ବରଟି ସୁବ୍ରତ ହାତକୁ ତରତର ହେଇ ବଢ଼େଇ ଦେଇ ବସ୍‌କୁ ଉଠିଗଲା ଗୀତିକା । ଅନେକ ଦିନ ପରେ ସୁବ୍ରତଙ୍କୁ ଦେଖି ତା' ମନରେ ଗୁଣୁଗୁଣୁଉଥିବା ଛଟପଟ ଭାବଟି ଯେମିତି କିଂଚିତ୍ ଶାନ୍ତ ହେଇଯାଇଥିଲା । ଘରେ ପହଂଚୁ ପହଂଚୁ କିନ୍ତୁ ମାନସିକ ବିଚଳନ ସୃଷ୍ଟି ହେଲା ଗୀତିକାର । ସୁବ୍ରତକୁ ଫୋନ୍ ନମ୍ବରଟା ଦେଇ ଭୁଲ୍ କରିଦେଲା କି ? ଯଦି ସେ' (ସ୍ୱାମୀ) ଥିବା ଅବସ୍ଥାରେ ଫୋନ୍ କରିଦିଏ ? ଅପରିଚିତ ପୁରୁଷ କଣ୍ଠସ୍ୱରଟି ଶୁଣି ଯଦି ସେ ପଚାରି ଦିଅନ୍ତି କାହାର ବୋଲି ? କ'ଣ ଉତର ଦବ ଗୀତିକା ? ସତ ଲୁଚେଇବାକୁ ଯାଇ ହଡ଼ବଡ଼େଇ ଯାଏ ମଣିଷ । ସେମିତି ଯଦି କିଛି ହୁଏ ? ଯଦି ସନ୍ଦେହର ବଳୟ ଭିତରକୁ ସେ ପଶିଯାଏ ? ଦାମ୍ପତ୍ୟ ଜୀବନରେ ଯଦି ଝଡ଼ ଉଠେ ? ଏମିତି ବିଭିନ୍ନ କଂଟକାକୀର୍ଣ୍ଣ ପ୍ରଶ୍ନ ମାନ ଉଠିଲା ତା'ର ସନ୍ଦେହାଚ୍ଛନ୍ନ ମନରେ । ଏପରିକି ଏହା ବି ଭାବିନେଲା ଯେ ସୁବ୍ରତ ଯଦି ଦୁଷ୍ଟ ବୁଦ୍ଧିକରି କିଛିଟା ବ୍ଲାକ୍‌ମେଲ୍ କରେ ତାକୁ ! ଓଃ ଖୁବ୍ ବେଚୈନ ହେଇଉଠିଲା ଗୀତିକା ।

ତା'ର ଅନ୍ୟମନସ୍କତାକୁ ସ୍ୱାମୀ ପ୍ରଶ୍ନ କରନ୍ତି ବେଳେବେଳେ, ସେ ଟାଳିଦିଏ । ଫୋନ୍‌ରେ ରିଂ ଆସିଲେ ହିଁ ତା' ଭିତରେ ଆତଙ୍କଟିଏ ଖେଳିଯାଏ । ରାତି ଦିନ ତା'ର ଖାଲି ସେଇ ଆଶଙ୍କାରେ କଟେ - ସୁବ୍ରତ ଫୋନ୍ କଲେ କି ? ରାତି ଅଧରେ ବି ଲାଗେ ଫୋନ୍ ରିଂ ହେଲାକି ? ଆଉ କ'ଣ ସୁବ୍ରତ ସହ ଭେଟ ହେବ ? ଭେଟ ହେଲେ ହୁଏତ ତାକୁ କହିଦିଅନ୍ତା ତା'ର ସ୍ଥିତି କଥା । ହୁଏତ ଅନୁରୋଧ କରନ୍ତା, ସୁବ୍ରତ ଯଦି ପ୍ରକୃତରେ ମୋତେ ଭଲ ପାଉଥାଅ ଫୋନ୍‌ଫାନ୍ କରି ମୋ ଦାମ୍ପତ୍ୟ ଜୀବନରେ ସନ୍ଦେହଟିଏ ସୃଷ୍ଟି କରିବନି.... ପ୍ଲିଜ୍... ।

କିନ୍ତୁ କାହିଁ ସୁବ୍ରତ ! ତାକୁ ହୁଏତ ଚିଠିରେ ଜଣେଇ ହୁଅନ୍ତା, ଠିକଣା ବି ଜାଣେନା । ଏବେ ସେ କେଉଁଠି ରହନ୍ତି ! ପୁଣି ଚିଠି ବି ଆହୁରି ବିପଦ... । ଫୋନ୍ କରନ୍ତା, ହେଲେ ତାଙ୍କ ନମ୍ବର ସେ ଆଣି ପାରିନାହିଁ, ଭାବିଥିଲା ସୁବ୍ରତ ଫୋନ୍‌କଲେ ସଂଗ୍ରହ କରିନେବ... ହେଲେ କାହିଁ ସୁବ୍ରତ !

ଏଇମିତି ଚାଲିଲା ଦୀର୍ଘଦିନ ଧରି । ସନ୍ତୁଳିତା ହେଇ ରହିଲା ଅନବରତା ଆହା.. ଗୀତିକା ।

ହଠାତ୍ ଦିନେ ସୁବ୍ରତଙ୍କ ସହ ଭେଟ । ମିଛ ଅଭିମାନଟିଏ କଣ୍ଠରେ ଖେଳେଇ ଗୀତିକା କହିଲା- ତୁମକୁ ସେଦିନରୁ ଫୋନ୍ ନମ୍ବର ଦେଲିଣି, ସବୁଦିନ ସବୁ ସମୟରେ ଅପେକ୍ଷା କରୁଚି, କାଇଁ ? ତମେ ୟା ଭିତରେ ଏତେ ହୃଦୟହୀନ ହେଇଯାଇଛ ? ଦୁଷ୍ଟ......

ସୁବ୍ରତ ଭୁଲ୍‌ଟିଏ କରିପେକଇଲା ପରି ମାଫି ମାଗିବା ଢଙ୍ଗରେ କହିଲା- ଭୁଲ୍ ହେଇଯାଇଚି ଗୀତନ୍ । ପ୍ରକୃତରେ ତମେ ସେଦିନ ତରତର ହେଇ ନମ୍ବରଟା ଦେଇଗଲ ଯେ ମୁଁ ସେଇଦିନ ହିଁ ସେ କାଗଜଟାକୁ ସେଇଠି କୋଉଠି ହଜେଇ ଦେଲି । କ'ଣ କରିଥାନ୍ତି ? ତା' ପରଠାରୁ ତ ତମ ସହ ଆଉ ଭେଟ ନାଇଁ । ତା'ଛଡ଼ା ତମ ହୃଦୟରେ ମୋ ପ୍ରେମର ରିଂ ସବୁବେଳେ ହେଉଥିଲା ବେଳେ ଏ ଫୋନ୍‌ଫାନ୍‌ର ଆବଶ୍ୟକତା କ'ଣ ? ରସିକତା କରି କହିଲା ସୁବ୍ରତ ।

ଗୀତିକା ଆଶ୍ୱସ୍ତ ହେଲେ ବି ଟିକେ କ୍ଷୁର୍ଣ୍ଣ ହେଲା ।

ସୁବ୍ରତ କହିଲା, ଗୀତୁ ମନଦୁଃଖ କରୁଚ କି ମୋ ଦାୟିତ୍ୱହୀନତା ପାଇଁ ? ଏବେ ଦେଲ, ଟିପିଦେଲ ଏ ଡାଇରିରେ, ଆଉ ତ ହଜିବ ନାହିଁ । ଏବେ ରେଗୁଲାର ମୋର ଫୋନ୍ ପାଇବ... ନିଅ ।

ଗୀତିକା ସତର୍କ ହେଇଗଲା । ତା' ମନ ଭିତରେ ଥିବା ପାପ ସାପ ପୁଣି ଫଣା ଟେକିଲା । ଛଳନାର ହସ ହସି ସେ କହିଲା, ଥାଉ... ଆମ ହୃଦୟରେ ସେମିତି ପ୍ରେମର ରିଂ ଶୁଣାଯାଉଥାଉ, ରିସିଭର ଉଠେଇଲେ ସରିଯିବ... ।

ସୁବ୍ରତ ମନଖୋଲା ହସଟିଏ ହସୁଥିଲାବେଳେ ଗୀତିକା ଓଠରେ ଫୁଟି ଉଠୁଥିଲା ଆଶ୍ୱସ୍ତିର ସ୍ମିତହାସ୍ୟ ।

ମୋ -୯୪୩୭୨୭୫୮୦୮

ଅଣୁ ଗଳ୍ପ ବିଶେଷାଙ୍କ

ସୃଜନୀ ପରିବାର, ଚେନ୍ନାଇ

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର



# ଆମକୁ ନପୁଂଷକ କରିଦିଅ ହେ ଈଶ୍ୱର

-ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀ

ଯେଉଁଦିନ ଆପଣାର ନିରୀହ ପିତାଙ୍କୁ ପୁଲିସ ଇନ୍ଫର୍ମର ଅଭିଯୋଗରେ ତଥାକଥିତ ପ୍ରଜାକୋର୍ଟ ଆଦେଶରେ ପଥରରେ ଛେଚି ଛେଚି ଅମାନୁଷିକ ବର୍ବର ଭାବେ ହତ୍ୟାକଲେ ମାଓବାଦୀମାନେ, ସେଦିନ ଅତିଶୟ ବେଦନାଭରା କଣ୍ଠରେ ନକ୍ସଲ ବାଡ଼ିରେ ଜନ୍ମିତ ଟିକି ପିଲାଟି ଈଶ୍ୱରଙ୍କୁ ପ୍ରାର୍ଥନା କଲା "ନକ୍ସଲବାଦ ଜନୀତ ଭୟର ବାତାବରଣ ଭିତରେ ବଂଚିବା ପାଇଁ ମୋତେ ନପୁଂଷକ କରିଦିଅ ହେ ଈଶ୍ୱର । ନଚେତ କରିଦିଅ ମୋତେ ଅମଣିଷ ହିଂସ୍ର ପଶୁ, ଯିଏ ଆପଣାର ପଶୁପଣକୁ ଜାହିର କରିବା ପାଇଁ, ଆତଙ୍କର ନିରଂକୁଶ ସାମ୍ରାଜ୍ୟ ବିସ୍ତାର କରବା ପାଇଁ ପାଇ ପାରିବ ଅଲିଖିତ ତାମ୍ରସନନ୍ଦ ।"

"ଅମଣିଷ କି ନପୁଂଷକ ହେବ କାହିଁକି ?" ପ୍ରଶ୍ନକଲେ ନିରୀହ ଈଶ୍ୱର "ତୁମର ସୁରକ୍ଷା ପାଇଁ ଯେଉଁଠି ଶହ ଶହ ସୁରକ୍ଷା ବଳ ନିୟୋଜିତ, ସେଇଠି ତୁମେ ନିଜକୁ ନିଜେ ଏତେ ଅସୁରକ୍ଷିତ ମନେ କରୁଛ କେମିତି? ସେମାନେ ସମସ୍ତେ କଣ ହୀନବଳ? ମାଓବାଦୀଙ୍କ କବଳରୁ ତୁମମାନଙ୍କୁ ରକ୍ଷା କରିବା ପାଇଁ ସେମାନଙ୍କୁ କଣ ପର୍ଯ୍ୟାପ୍ତ ପରିମାଣରେ ଅସ୍ତ୍ରଶସ୍ତ୍ର ଯୋଗାଇ ଦେଇନାହାନ୍ତି ସରକାର?"

"ଦେଇଛନ୍ତି , ସବୁକିଛି ଯୋଗାଇ ଦେଇଛନ୍ତି ପ୍ରଭୁ ।" ପିଲାଟି କହିଲା "କିନ୍ତୁ ସେମାନଙ୍କ ବିରୁଦ୍ଧରେ ରହିଛି ମାନବାଧିକାର ହନନର ଅଜସ୍ର ଅଭିଯୋଗ । ତାଙ୍କ ବିରୁଦ୍ଧରେ ଅପପ୍ରଚାର ଚଳେଇଛନ୍ତି ସହସ୍ର ବୁଦ୍ଧିଜୀବୀ । ତଥାକଥିତ ଜଣ ଅଦାଲତରେ ଦିନକୁ ଦିନ ବୃଦ୍ଧି ପାଇବାକୁ ଲାଗିଛି ହତ୍ୟା, ଧର୍ଷଣ, ଯୌନ ଶୋଷଣ, ଲୁଟ , ରାହାଜାନୀ ଭଳି ସଙ୍ଗୀନ ଅଭିଯୋଗର ଫର୍ଦ ସବୁ । ସେସବୁ ତାଙ୍କର ମନୋବଳକୁ ଭାଙ୍ଗିରୁଜି ଚୁରମାର କରିଦେଉଛି ଯେତେବେଳେ ଆମକୁ ବା କି ସୁରକ୍ଷା ଯୋଗାଇବେ ସେମାନେ ?"

"ମାନବାଧିକାର ହନନ ? ସେଇଟା ପୁଣି କଣ ? ସୁରକ୍ଷା ବଳ ବା କାହିଁକି ସେମିତି ଅପକର୍ମ ସବୁ କରିବେ?" ବିସ୍ମୟାଭିଭୂତ ଈଶ୍ୱର ପ୍ରଶ୍ନକଲେ । ସେମାନେ ଯାହା କୁହନ୍ତି , ମଣିଷର ଜୀବନ ଜୀବିକା ଉପରେ ଅଯଥା ବାହ୍ୟ ହସ୍ତକ୍ଷେପର ଅନ୍ୟନାମ ମାନବାଧିକାର ହନନ ପ୍ରଭୁ ।" ପିଲାଟି ବୁଝେଇବା ଭଙ୍ଗୀରେ କହିବାକୁ ଲାଗିଲା "ନକ୍ସଲି ହିଂସାର ପ୍ରତିବଦଳରେ ଆମ ସୁରକ୍ଷା ବଳ ଦ୍ୱାରା ଗ୍ରହଣ କରାଯାଇଥିବା ପ୍ରତିଟି ସଶସ୍ତ୍ର କାର୍ଯ୍ୟାନୁଷ୍ଠାନ ଏବେ ମାନବାଧିକାର ଉଲଂଘନର ଗୋଟିଏ ଗୋଟିଏ ଅଭିଯୋଗ ଫର୍ଦ । ନକ୍ସଲବାଦୀଙ୍କ ତଥାକଥିତ ସର୍ବୋଚ୍ଚ ଅଦାଲତ ପ୍ରଜାକୋର୍ଟରେ ସେମାନେ ଅଭିଯୁକ୍ତ । ମିଥ୍ୟା ଏନକାଉଣ୍ଟର ଅଭିଯୋଗରେ ସେମାନେ ମାନବାଧିକାର କର୍ମୀଙ୍କ ଦ୍ୱାରା ଟଣା ହେଉଛନ୍ତି ନ୍ୟାୟାଳୟର କାଠଗଡା ଭିତରକୁ । ଏଇ ମିଥ୍ୟା ଅଭିଯୋଗ ସବୁ ମଧ୍ୟ ବାରମ୍ବାର ପ୍ରଚାରିତ ହେଉଛି ଜାତୀୟ ଆନ୍ତର୍ଜାତୀୟ ଗଣ ମାଧ୍ୟମରେ । ଏଥିରେ ତାଙ୍କର ମନୋବଳ ଦୁର୍ବଳ ହୋଇଯାଉଛି ପ୍ରଭୁ । ହୁଏତ କେତେବେଳେ କେମିତି ତାଙ୍କ ଅଜାଣତରେ କିଛି ଭୁଲ ହୋଇ ଥାଇପାରେ । ସେଇଥିପାଇଁ ଏତେ ବଡ ମାନସିକ ନିର୍ଯ୍ୟାତନା ?ଦିନକୁ ଦିନ ବଢିବାକୁ ଲାଗୁଛି ତାଙ୍କ ମନ ଭିତରେ ଅସୁରକ୍ଷିତ ଭାବନା । ଏମିତି ସ୍ଥିତିରେ କିଏ, କାହାକୁ କି ସୁରକ୍ଷା ଯୋଗାଇ ଦେବା ପ୍ରଭୁ ? କି ନ୍ୟାୟ ବା ମିଳିବ କାହାକୁ ?"

"ବଡ ବିଚିତ୍ର କଥା ସତରେ ?" ବିସ୍ଫାରିତ ନୟନରେ ପିଲାଟିର ନିରୀହ ମୁହଁକୁ ଚାହିଁ ନିଜକୁ ନିଜେ ପ୍ରଶ୍ନ କରିବାକୁ ଲାଗିଲେ ଈଶ୍ୱର "ତେବେ ପ୍ରଜାକୋର୍ଟରେ ମିଥ୍ୟା ଅଭିଯୋଗରେ ଦଣ୍ଡିତ ହୋଇ ଅତ୍ୟନ୍ତ ନିର୍ଦୟ ଭାବେ ନିର୍ମମ ହତ୍ୟାର ଶିକାର ହେଉଥିବା ଲୋକଟି କଣ ମଣିଷ ନଥିଲା ? ତାର କଣ ଅଧିକାର ନଥିଲା ସ୍ୱଚ୍ଛନ୍ଦରେ ଦୁନିଆଁ ଭିତରେ ଜୀବନ ଜିଇଁବାର? ଆହୁରି ମଧ୍ୟ ଅତର୍କିତ ଭାବେ ନକ୍ସଲ ଆତଙ୍କର ଶିକାର ହେଉଥିବା ସୁରକ୍ଷା କର୍ମୀମାନେ କଣ ମଣିଷ ନୁହନ୍ତି ? ଦେଶ ମାତୃକାର ସେବାରେ ଉତ୍ସର୍ଗୀକୃତ ସେଆଇ ମହାମାନବମାନଙ୍କର କଣ ମାନବାଧିକାର ନଥାଏ ? ଯେତେବେଳେ ସେମାନଙ୍କୁ ଲେଣ୍ଡମାଇନ୍ସ ବିସ୍ଫୋରଣ ହେଉ କି ଗରିଲା ଯୁଦ୍ଧରେ ହେଉ ନିର୍ମମ ଭାବେ ହତ୍ୟା କରାଯାଏ, ଅକାଳରେ ବିରଗତି ପ୍ରାପ୍ତ ହୁଅନ୍ତି ସହିଦ ସୁପୁତ୍ରମାନେ , ସେତେବେଳେ କୁଆଡେ ଯାଆନ୍ତି ଏଇ ତଥାକଥିତ ବୁଦ୍ଧିଜୀବି ଆଉ ମାନବାଧିକାର କର୍ମୀମାନେ? କାହିଁ କେବେଦିନେ ତ ମାଓବାଦୀ ଆତଙ୍କ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିନାହାନ୍ତି ସେମାନେ ? ବାଃ ବାଃ ରେ ବୁଦ୍ଧିଜୀବୀ !! ବାଃ ବାଃ ରେ ମାନବାଧିକାର !! ଧନ୍ୟ ତୁମର ବୁଦ୍ଧି ଆଉ ଧନ୍ୟ ତୁମର ଜୀବିକା।ହୁଁ, ଚଟୁ ଆଇଁଶ ହେଲେ ବେଷ୍ଟ ନିଆଇଁଶ ! ଜନସେବକର ଛଦ୍ମ ଆବରଣ ତଳେ ତୁମେମାନେ ଆତଙ୍କବାଦୀ ନୁହଁ ତ ?"

କିଛି ସମୟ ଚୁପ ରହି ଈଶ୍ୱର ପୁଣି କହିଲେ "ଓଃ କି ବେଳା ନହେଲା ସତରେ ? ତେବେ ତ ବଡ଼ ବିଚିତ୍ର ସ୍ଥିତି ଲାଗି ରହିଥିବ ଦେଶରେ ?" "ହଁ ପ୍ରଭୁ ହଁ" ପିଲାଟି ଜୋରଦେଇ କହିଲା "ଏପରି ସ୍ଥିତିରେ ମଧ୍ୟ ଚୁପ ରହିବାକୁ ଉଚିତ ମନେ କରୁଛନ୍ତି ବିଜ୍ଞ ବୁଦ୍ଧିଜୀବି, ଚିନ୍ତାଶୀଳ ଭଦ୍ରବ୍ୟକ୍ତି-ମାନେ । ସବୁ ଦୁଃଖ ଯନ୍ତ୍ରଣାର ହଳାହଳକୁ ନୀଳକଣ୍ଠ ପରି ପିଇବାକୁ ବାଧ ହେଉଛନ୍ତି ନିରୀହ ମେଷ ପରି ଜୀବନ ଜିଉଁଥିବା ସାଧାରଣ ମଣିଷମାନେ । ନେତାଙ୍କ ମନରେ ଚିନ୍ତାଥିଲା ପରି ଜଣା ପଡୁନାହିଁ ହେ ପରମ ପ୍ରିୟତମ । କେବଳ ସେଇଥିପାଇଁ ମୁ କାମନା କରୁଛି ବାରମ୍ବାର, ଆମକୁ ନପୁଂଷକ କରିଦିଅ ହେ ଈଶ୍ୱର । କିଛି ନହେଲେ ନାଇଁ ଅତିକମରେ ସବୁକିଛି ଅନ୍ୟାୟ ଅତ୍ୟାଚାରକୁ ଆଖିବୁଜି ସହିପାରିବୁ ତ ଆମେ, ହେଲେ ହେଉଁପଛେ ହୀନବୀର୍ଯ୍ୟ । ଦୁନିଆଁ ପଛେ ନିନ୍ଦା କରୁଥାଉ ଅହରହ ।

-----------------------------------ଭାରତୀ କୁଟୀର , ଡୁଙ୍ଗୁରିପାଲି -୭୬୭୦୨୩ ,ସୁବର୍ଣ୍ଣପୁର (ଓଡିଶା )-----------------------------------